## ଯାଜପୁର କାଳୀପୂଜା

# ୪ର୍ଥ ଦିନରେ ଭିଡ଼ ଜମିଲା

**ଯାଜପୁର ଟାଉନ,୨୬।୧୦(ଡି.ଏନ.ଏ.)**

୨ବର୍ଷ ମହାମାରୀ କାରଣରୁ ଯାଜପୁରର ଗଣପର୍ବ କାଳୀପୂଜା ଏବଂ ଲକ୍ଷ୍ମୀନାରାୟଣ ପୂଜୋତ୍ସବ ବିନା ଶ୍ରଦ୍ଧାଳୁରେ ଅନୁଷ୍ଠିତ ହୋଇଥିଲା। ତେବେ ଚଳିତବର୍ଷ ସ୍ୱାଭାବିକ ଅବସ୍ଥା ଫେରିଥିବାରୁ ବହୁ ଜାକଜମକରେ ଉତ୍ସବ ପାଳନ କରାଯାଉଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଭଳିକି ଭଳି ଆଲୋକ ସଜ୍ଜାରେ ସହର ପ୍ରକମ୍ପିତ ହେଉଛି। ଦୀପାବଳି ପୂର୍ବଦିନ ରବିବାର ଲକ୍ଷ୍ମୀନାରାୟଣଙ୍କ ପୂଜାରମ୍ଭ ହୋଇଥିଲା। ସେହିଦିନ ଜନଗହଳି ନ ଥିଲା। ସୋମବାର ଦୀପାବଳିରେ ସହରବାସୀ ଓ ସମସ୍ତେ ବ୍ୟସ୍ତ ରହିଥିଲେ। ମଙ୍ଗଳବାର ସୂର୍ଯ୍ୟୋପରାଗ ପାଇଁ ଲୋକେ ଏକରକମ ଘରୁ ବାହାରି ନ ଥିଲେ। ତେବେ ବୁଧବାର ଅର୍ଥାତ ପୂଜାର ୪ର୍ଥ ଦିନରେ ପାଖାପାଖି ୫୬ଟି ପୂଜାମଣ୍ଡପରେ ଜନଗହଳି ଦେଖିବାକୁ ମିଳିଥିଲା। ଏହି ଜିଲା ସମେତ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଶ୍ରଦ୍ଧାଳୁଙ୍କ ଏଠାକୁ ଆଗମନ ଘଟିଛି। ବିଭିନ୍ନ ସ୍ଥାନରେ ମିନାବଜାର ସହିତ ଭଳିକି ଭଳି ଷ୍ଟଲ ଏବଂ ହରେକମାଲ ଦୋକାନ ସବୁ ଖୋଲିଛି। ବାରିପଦାର ମୁଢ଼ି ମାଂସଠାରୁ ଆରମ୍ଭ କରି କଟକର ଠୁଙ୍କାପୁରି, ଛେନା ତରକାରି, ଦହିବରା ଆଳୁଦମ, ପଶ୍ଚିମ ଓ ଦକ୍ଷିଣ ଓଡିଶାର ବହୁ ପ୍ରକାର ପିଠାପଣା, ଆଚାର, ବଡ଼ି ଦୋକାନଗୁଡିକ ଅଧିକ ଖୋଲିଛି। ଏହାବାଦ୍ ବିଭିନ୍ନ ପ୍ରକାର ଫାଷ୍ଟଫୁଡ ଷ୍ଟଲ ମଧ୍ୟ ଚାରିଆଡେ ମେଳିଯାଇଛି। ଚଳିତବର୍ଷ ମଧ୍ୟ ସବୁଠାରୁ ଆକର୍ଷଣୀୟ ସାଜସଜ୍ଜା ନାରାୟଣ ଛକ ପୂଜା କମିଟିରେ ଦେଖିବାକୁ ମିଳିଛି।



ବଡ଼ ବଜାରରେ ପୂଜା ପାଉଥିବା ମା' କାଳୀ।



ମାର୍କେଟ ଛକ ମଣ୍ଡପରେ ମା' କାଳୀ।

ସ୍ୱର୍ଗତ ଅଶୋକ ଦାସଙ୍କ ଦ୍ୱାରା ଏହି ପୂଜାମଣ୍ଡପଟି ଆରମ୍ଭ ହୋଇଥିଲା ଏବଂ ସେବେଠାରୁ ଏବେଯାଏ ଉକ୍ତ ମଣ୍ଡପର ସାଜସଜ୍ଜା ଓ ସ୍ୱତନ୍ତ୍ରତା ଅନ୍ୟମାନଙ୍କଠାରୁ ଭିନ୍ନ ରହିଥାଏ। ପୂଜା କମିଟିର ମୁଖ୍ୟ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ନିଜେ ଏଠାରେ ଉପସ୍ଥିତ ରହି ଦେବୀଙ୍କ ପୂଜାରେ ନିଜକୁ ସାମିଲ କରିଥିଲେ। ପ୍ରଥମଥର ପାଇଁ ସମସ୍ତ ପୂଜା କମିଟିକୁ ନେଇ ଗଠିତ ଯାଜପୁର ପୂଜା କମିଟି ସମୂହର ସଭାପତି କର୍ଣ୍ଣାଟ କେଶରୀ ଦାସ, ଅନ୍ୟତମ କର୍ମକର୍ତ୍ତା ଗରିଆପୁର ପୂଜା କମିଟିର ପ୍ର. ବଟକୃଷ୍ଣ ମହାପାତ୍ର, ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ସମରଜିତ ମହାନ୍ତି, ରାଜୀବ ମହାନ୍ତି, ଦଶରଥ ଦାସ, ଆଡଭୋକେଟ ପ୍ରଦୀପ ରାୟ, ଧର୍ମେନ୍ଦ୍ର ରାଉତ, ମନୋଜ ମହାରଣା, ରଘୁନାଥ ରାଉତ, ପ୍ରକାଶ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ବସନ୍ତ ସ୍ୱାଇଁ(କୁନା), ପଦ୍ମଲୋଚନ ସାହୁ, ଅବଦୁଲ ସାଜିତ, ସେକ୍ ମୁର୍ତାଜା, ହାଇଦର ଅଲ୍ଲୀ ପ୍ରମୁଖଙ୍କ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ପ୍ରତି ଧ୍ୟାନ ଦେଉଛନ୍ତି।

ଯାଜପୁର କାଳୀପୂଜାର ଏକ ବିଶେଷତ୍ୱ ହେଲା ଏଠାରେ ବିଭିନ୍ନ ସଂପ୍ରଦାୟର ବ୍ୟକ୍ତିବିଶେଷମାନେ ଉକ୍ତ ଗଣପର୍ବକୁ ଆପଣାର ଉତ୍ସବ ଭାବେ ପାଳନ କରିଥାନ୍ତି। ଅନ୍ୟଧର୍ମୀୟ ଲୋକମାନେ କାହିଁ କେବେ ଠାରୁ ପୂଜୋତ୍ସବର ଆୟୋଜନ କରିଥାନ୍ତି। ସପରିବାରେ ଓ ସବାନ୍ଧବେ କାଳୀପୂଜାକୁ ସମସ୍ତେ ଉପଭୋଗ କରିଥାନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ନାରାୟଣ ଛକ ସମେତ ଗରିଆପୁର, ବଡବଜାର, ସାନବଜାର, ସଦାବ୍ରତ ମଠ, ମହାବୀର ଛକ, ଲଳିତେଶ୍ୱର, ଟାଉନହଲ, କଚେରି ବଜାର, ହାବେଳି ବଜାର, ଡେଲି ମାର୍କେଟ, ବିରଜାହାଟ, ହରପାର୍ବତୀ ଛକ, ଶୀତଳେଶ୍ୱର, ଅମ୍ବିକାଇ, ଯୋଡିକୂଅ, କୁଆଁସରପୁର, ବିରଜା ହାଇସ୍କୁଲ, ସତସଙ୍ଗ ଛକ, ଚଣ୍ଡେଶ୍ୱର, କିଆନାଳୀ, ଭବାନୀଗଞ୍ଜ, ମାନସାପୋଲ, କଲେଜ ଛକ, ବସ୍‌ଷ୍ଟାଣ୍ଡ ପ୍ରଭୃତି ପୂଜା କମିଟିଗୁଡିକର ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଅତିରିକ୍ତ ଏସ୍‌ପି ନାରାୟଣ ଚନ୍ଦ୍ର ବାରିକ ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସମୁଦାୟ ବ୍ୟବସ୍ଥାକୁ ଥାନାଧିକାରୀ ଅଜୟ କୁମାର ଜେନାଙ୍କ ସମେତ ଜିଲାର ବିଭିନ୍ନ ଥାନା ଅଧିକାରୀ, ଏସ୍‌ଆଇ, ଏଏସ୍‌ଆଇ ଓ ପୋଲିସ କନଷ୍ଟେବଳ ପ୍ରମୁଖ ସଞ୍ଚାଳନ କରୁଛନ୍ତି। ଅପରାହ୍ନରୁ ଗାଡି ଯାତାୟାତରେ କଟକଣା ଲଗାଯାଇଛି। ସେହିପରି ଏଥର ମଦ୍ୟପ ଓ ନିଶାଡ଼ିଙ୍କୁ ସାବାଡ କରିବା ପାଇଁ ମଦୁଆଧରା ଗାଡି ଚାରିଆଡେ ଚକ୍କର ମାରୁଛି। ଏହି ଗାଡି ଭୟରେ ଅନେକ ଉଚ୍ଛୃଙ୍ଖଳ ବ୍ୟକ୍ତି ତଥା ନିଶାଡି ମାନେ ଟିକେ ସଞ୍ଜମ ଆଚରଣ କରୁଥିବା ଦେଖାଯାଇଛି। ବିଭିନ୍ନ ମଣ୍ଡପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ଆସନ୍ତା ୪ ଓ ୫ ତାରିଖରେ ଭସାଣି ଉତ୍ସବ ହେବ।

## ବାଇକ୍‌କୁ ଧକ୍କା ଦେଲା ବୋଲେରୋ: ଜଣେ ମୃତ

**ରଘୁନାଥପୁର,୨୬।୧୦(ଡି.ଏନ.ଏ.):** ରଘୁନାଥପୁର ଥାନା କଟକ-ପାରାଦୀପ ରାସ୍ତାର ଗୋପାଳପୁର ଛକ ନିକଟରେ ବାଇକ୍ ଆରୋହୀଙ୍କୁ ପଛପଟୁ ଆସୁଥିବା ଏକ ଦ୍ରୁତଗାମୀ ବୋଲେରୋ ବୁଧବାର ଅପରାହ୍ନରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ପଛରେ ବସିଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତବ୍ୟକ୍ତି ଜଣକ ହେଲେ ନିରଞ୍ଜନ ରାଉତ (୫୪) ଓ ଗୁରୁତର ହୋଇଥିବା ବ୍ୟକ୍ତି ଜଣକ ନିରାକାର କର (୪୨)। ତିର୍ତ୍ତୋଲ ଥାନା ଦାଇଁଲୋ ଗାଁରେ ଉଭୟଙ୍କ ଘର। ଦୁଇବ୍ୟକ୍ତି କଟକରୁ କାର୍ଯ୍ୟ ସାରି (ନଂ. ଓଡ଼ି ୦୫ ଏଭି ୪୪୦୨) ବାଇକ୍‌ରେ ଘରକୁ ଫେରୁଥିଲେ। ଗୋପାଳପୁରଠାରେ ଦ୍ରୁତଗତିରେ ଆସୁଥିବା ବୋଲେରୋଟି ବାଇକ୍‌କୁ ପଛପଟୁ ଧକ୍କାଦେଇ ପଳାଇ ଯାଇଥିଲା। ବାଇକ୍ ପଛରେ ବସିଥିବା ନିରଞ୍ଜନ ରାସ୍ତାକୁ ଛିଟିକି ପଡିଥିଲେ। ତାଙ୍କର ମୁଣ୍ଡ ଓ ଛାତି ତଳେ ମାଡା ହୋଇଥିଲା। ପୋଲିସ ଦୁଇଜଣଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଏସ୍‌ଆଇ ଅନୀଲ କୁମାର ସାହୁ ଏହାର ତଦନ୍ତ କରୁଥିବାବେଳେ ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଜବତ କରାଯାଇଛି।

# ବିଜେଡି ବିରୋଧରେ ପ୍ରଚାର କରିବେ ଯାଜପୁର ଚାଷୀ



ଧାମନଗର ଅଭିମୁଖେ ବାହାରିଥିବା ଚାଷୀମାନେ।

**ଯାଜପୁର ଅଫିସ,୨୬।୧୦**

### ଧାମନଗର ଉପନିର୍ବାଚନ

ଧାମନଗର ଉପନିର୍ବାଚନରେ ବିଜେଡି ବିରୋଧରେ ଯାଜପୁର ଜିଲା ଚାଷୀ ରଣହୁଙ୍କାର ଦେଇଛନ୍ତି। ବିଜେଡିକୁ ଭୋଟ ନ ଦେବାକୁ ଭୋଟରମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ବୁଧବାର ଶତାଧିକ ଚାଷୀ ଭଦ୍ରକ ଜିଲା ଧାମନଗର ଅଭିମୁଖେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରିଛନ୍ତି। ପ୍ରଥମରୁ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ରାଜେନ୍ଦ୍ର ଦାସ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି । ଅନ୍ୟପକ୍ଷେ ଚାଷୀଙ୍କ ଏଭଳି ଆଭିମୁଖ୍ୟ ଶାସକଦଳ ଭୋଟକୁ ବହୁଳ ଭାବେ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି।

ନବ ନିର୍ମାଣ କୃଷକ ସଙ୍ଗଠନର ଚାଷୀମାନଙ୍କ ଉପରେ ବିଜେଡି ସରକାର ଯେଭଳି ଅନ୍ୟାୟ ଅତ୍ୟାଚାର କରିଛନ୍ତି, ତାକୁ ଭୁଲିନାହାନ୍ତି ବୋଲି କୃଷକ ନେତାମାନେ କହୁଛନ୍ତି । କାଳିଆ ଯୋଜନା ଏହି ସଙ୍ଗଠନକୁ ସନ୍ତୁଷ୍ଟ କରିପାରି ନାହିଁ । କୃଷକମାନଙ୍କଠାରୁ ଗଣତାନ୍ତ୍ରିକ ଅଧିକାର ସରକାର ଛଡ଼େଇ ନେଇଛନ୍ତି। ଅତୀତରେ ପୋଲିସ ପ୍ରଶାସନକୁ ଲଗାଇ କୃଷକମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି । ନିଜର ଦାବି ଜଣାଇବାକୁ ରାଜଧାନୀରେ ପହଞ୍ଚିବାକୁ ଚାଷୀଙ୍କୁ ସରକାର ସୁଯୋଗ ଦେଇନାହାନ୍ତି । ଅମାନବୀୟ ଭାବେ ଚାଷୀମାନଙ୍କୁ ଏକାଧିକ ଥର ରାସ୍ତାରୁ ପୋଲିସ ଉଠାଇ ନେଇଛି । ଏଥିରେ କଂଗ୍ରେସ ଓ ଭାଜପା ସିଧାସଳଖ ସମର୍ଥନ ଜଣାଇ ନ ଥିଲେ ହେଁ ମାନସିକ ଭାବେ ସହଯୋଗ କରିଛି । ଜିଲାର କୋରେଇ ନିର୍ବାଚନମଣ୍ଡଳୀର ପ୍ରାୟ ଅଧା ଅଞ୍ଚଳ ସମେତ ଧର୍ମଶାଳା, ବରୀ, ବଡ଼ଚଣା ଓ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ଚାଷୀ ସଙ୍ଗଠନ ତା'ର ପ୍ରୟୋଗଶାଳାରେ ପରିଣତ କରିଛି । ତେଣୁ ଏହି ଉପନିର୍ବାଚନରେ ଚାଷୀ ସଙ୍ଗଠନ ବିଜେଡି ପାଇଁ ଘାତକ ସାଜିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଚାଷୀଙ୍କୁ ମାସିକ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା ସହ ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କା ନ ଦେବା ଓ ଅନ୍ୟାନ୍ୟ ୧୯ଟି ଦାବିକୁ ସରକାର ଅଣଦେଖା କରିଛନ୍ତି। ତେଣୁ ନବ ନିର୍ମାଣ କୃଷକ ସଙ୍ଗଠନ ଧାମନଗର ନିର୍ବାଚନମଣ୍ଡଳୀରେ ବିଜେଡିକୁ 'ନୋ ଭୋଟ' ଅଭିଯାନ ଆରମ୍ଭ କରିଛି। ଏହି ମର୍ମରେ ଶତାଧିକ ଚାଷୀ ରାଜ୍ୟ ସହସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଯାଜପୁର ସହର ମଧ୍ୟରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଏକଜୁଟ ହୋଇ ଧାମନଗର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରଥମେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦ୍ୱିତୀୟରେ ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଆଶୀର୍ବାଦ କାମନା କରାଯାଇଛି। ଏହି ଅବସରରେ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ରାୟ କହିଛନ୍ତି, ବିଜେଡି ସରକାର ବାଧ୍ୟ କରୁଛି ଏପରି ଆଭିମୁଖ୍ୟ ନେବାକୁ । ୨୦୧୬ ଡିସେମ୍ବର ୧୪ , ୨୦୧୮ ନଭେମ୍ବର ୪, ୨୦୧୯ ଫେବୃୟାରୀ ୬ ଓ ୨୦୨୨ ଅକ୍ଟୋବର ୧୮ରେ ଭୁବନେଶ୍ୱର ଯାଇ ଗଣତାନ୍ତ୍ରିକ ଉପାୟରେ ଦାବି ରଖିବାକୁ ଚାଷୀମାନେ ଚାହିଁଥିଲେ। ମାତ୍ର ସରକାର ଏହାର ସୁଯୋଗ ଦେଇ ନ ଥିଲେ। ଏହା ଚାଷୀମାନଙ୍କ ପ୍ରତି ଘୋର ଅନ୍ୟାୟ । ଏଣୁ ନିଜର ଭୋଟ ଅହଙ୍କାରରେ ବଳୀୟାନ୍ ବିଜେଡିକୁ ଚାଷୀମାନେ ନୋ ଭୋଟ ମାଧ୍ୟମରେ ରାଗ ଶୁଝେଇବୁ ବୋଲି କହିଥିଲେ। ଏହି ଯାତ୍ରାରେ ମୁକୁନ୍ଦଦେବ ମହାନ୍ତି, ଦୀନବନ୍ଧୁ ମଲ୍ଲିକ, ମାଧବାନନ୍ଦ ଶାନ୍ତି, ଦିଲ୍ଲୀପ ବେହେରା, ସୁବ୍ରତ ଶାନ୍ତି, ବଲ୍ଲଭ ଜେନା, ଭୁବନାନନ୍ଦ ସାମଲ, ରଞ୍ଜିତ୍ ସାମଲ, ପ୍ରଶାନ୍ତ ସ୍ୱାଇଁ, ଲକ୍ଷ୍ମୀଧର ପଣ୍ଡା, ନବୀନ ଜେନା ପ୍ରମୁଖ ଶତାଧିକ ଚାଷୀ ସାମିଲ ହୋଇଛନ୍ତି ।

# ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଦେଇ ରାଜପଥ ନିର୍ମାଣ ହେଉ

- ଭାରତମାଳା ପରିଯୋଜନା ଅନ୍ତର୍ଗତ ଉପକୂଳ ରାଜପଥ ନିର୍ମାଣ ପ୍ରସଙ୍ଗ
- ବାଲିକୁଦା ବ୍ଲକ ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି ଦାବି

**ଜଗତ୍‌ସିଂହପୁର ଅଫିସ/ବାଲିକୁଦା, ୨୬।୧୦(ସ୍ୱ.ପ୍ର.)**

ଓଡ଼ିଶାରେ ଭାରତମାଳା ପରିଯୋଜନା ଅନ୍ତର୍ଗତ ଉପକୂଳ ଜାତୀୟ ରାଜପଥ ନିର୍ମାଣ ନେଇ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଉଦ୍ଦେଶ୍ୟ ହେଉଛି ପର୍ଯ୍ୟଟନର ବିକାଶ ସାଙ୍ଗକୁ ଓଡ଼ିଶାର ଉପକୂଳ ଅଞ୍ଚଳର ଅର୍ଥନୀତି ବୃଦ୍ଧି କରିବା। ଏଥିସହ ରାସ୍ତା ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ବିକଳ୍ପ ଅର୍ଥନୀତି ସୁଯୋଗ ସୃଷ୍ଟି କରିବ। ବଡ କଥା ହେଲା ପ୍ରାକୃତିକ ବିପର୍ଯ୍ୟୟ ହେଲେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରିତ କରିବା। ଏସବୁକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପର୍ଯ୍ୟଟନର ଗୁରୁତ୍ୱ ବହନ କରୁଥିବା ଗୋପାଳପୁର ବନ୍ଦର, ସାତପଡ଼ା, କୋଣାର୍କ, ଅସ୍ତରଙ୍ଗ, ପାରାଦୀପ ବନ୍ଦର, ସାତଭାୟା, ଧାମରା, ବାସୁଦେବପୁର, ତାଳପଡ଼ା, ଚାନ୍ଦିପୁର, ଚନ୍ଦନେଶ୍ୱର ଓ ଦୀଘାକୁ ସଂଯୋଗ ସହ ଅର୍ଥନୈତିକ କରିଡର ସୃଷ୍ଟି କରିବା। ପ୍ରାଥମିକ ପର୍ଯ୍ୟାୟରେ ରାଜପଥ ପାଇଁ ଚିଠା ନକ୍ସା ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ବିଚାର ପରେ ଏଥିରେ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ରାଜପଥ ଗଞ୍ଜାମ ଜିଲା ଗୋପାଳପୁର ପରିବର୍ତ୍ତେ ଟାଙ୍ଗୀ ରାମେଶ୍ୱର ନିକଟରୁ ଦୀଘା ନିକଟ ରତନପୁର ପର୍ଯ୍ୟନ୍ତ ରାସ୍ତା ଲମ୍ବିବ। ଏହାଦ୍ୱାରା ରାଜପଥର ଦୈର୍ଘ୍ୟ ୭୦ କିଲୋମିଟର କମିବ। ଅର୍ଥାତ୍ ୪୫୧ ପରିବର୍ତ୍ତେ ୩୮୨ କିଲୋମିଟର ହେବ। ଯାହାକି ୧୬ ନଂ. ଜାତୀୟ ରାଜପଥର ଟାଙ୍ଗୀ, ବ୍ରହ୍ମଗିରି, ପୁରୀ, କୋଣାର୍କ, ଅସ୍ତରଙ୍ଗ, ନୂଆଗାଁ, ପାରାଦୀପ ବନ୍ଦର, ସାତଭାୟା, ଧାମରା ଦେଇ ରତନପୁର ପର୍ଯ୍ୟନ୍ତ ଯିବ। ବାଲିକୁଦା ବ୍ଲକର କୁଶୁପୁର, ମରିଚପୁର, ଅନନ୍ତପୁର, ନହରଣା ଏବଂ ବରମୁଣ୍ଡଳୀ ଆଦି ପଞ୍ଚାୟତ ବାଦ୍ ପଡିବ। ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି।

ବାଲିକୁଦା ବ୍ଲକ ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶତାଧିକ ବ୍ୟକ୍ତି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ପ୍ରଥମେ ପ୍ରସ୍ତୁତ ପ୍ରସ୍ତାବିତ ରାଜପଥ ସମୁଦ୍ରଠାରୁ ମାତ୍ର ୫ କିଲୋମିଟର ଦୂରବର୍ତ୍ତୀ ଅଞ୍ଚଳ ଭିତରେ ଯାଉଥିଲା। କିନ୍ତୁ ଏବେ ଏହାକୁ ବଦଳାଯାଇଛି। ପୂର୍ବ ପ୍ରସ୍ତୁତ ପ୍ରସ୍ତାବିତ ରାଜପଥ କାର୍ଯ୍ୟକାରୀ ହେଲେ ବାଲିକୁଦା ବ୍ଲକ ଅନ୍ତର୍ଗତ ମାଳମରିଚପୁର ଓ ଏରସମା ଅଞ୍ଚଳର ବାସିନ୍ଦା ଉପକୃତ ହେବେ। ବ୍ରିଟିଶ ସମୟରୁ ଏହି ଅଞ୍ଚଳର ଗୁରୁତ୍ୱ ରହିଛି। କିନ୍ତୁ କ୍ରମାଗତ ଭାବେ ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା ଏବଂ ବନ୍ୟା ଅଞ୍ଚଳବାସୀଙ୍କ ଅର୍ଥନୀତି ଓ ଜୀବନଧାରାକୁ ପ୍ରଭାବିତ କରୁଛି। ଅନ୍ୟପକ୍ଷେ ସରକାରଙ୍କ ପକ୍ଷରୁ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ ଜଳସେଚନ ଆଦି ସୁବିଧା ପାଇଁ ସେଭଳି ପଦକ୍ଷେପ ନିଆଯାଉନାହିଁ। ଯେଉଁ କାରଣରୁ ଯୁବକମାନଙ୍କ ବେକାରୀ ଓ ଦାଦନ ବୃଦ୍ଧି ପାଇବାରେ ଲାଗିଛି। କେତେଜଣ ବ୍ୟକ୍ତିଙ୍କ ମନ୍ଦ ଲକ୍ଷ୍ୟ ଯୋଗୁ ଆଜି ଲୋକଙ୍କ ଆଶା ମଉଳିବାକୁ ଲାଗିଛି। ଜିଲାପାଳଙ୍କ ସ୍ମାରକପତ୍ର ଦେବାକୁ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲାପରିଷଦ ସଦସ୍ୟା ତଟିନା ସ୍ୱାଇଁ, କ୍ରିୟାନୁଷ୍ଠାନ କମିଟି ସକ୍ରୀୟ ସଦସ୍ୟ ଡା. ଶଶାଙ୍କ ଶେଖର ସାହାଣୀ, ବସନ୍ତ ନାୟକ, ସତ୍ୟବ୍ରତ ବିଶ୍ୱାଳ, ବନ୍ଧୁ ଚରଣ ନାୟକ, ରମେଶ ଚନ୍ଦ୍ର ନାୟକ, ରାଜେଶ ମହାରଣା, ରିନାବାଳା ପରିଡ଼ା ପ୍ରମୁଖ ସୂଚନା ଦେଇଛନ୍ତି। ଅତୀତରେ ବାଲିକୁଦା କୋଷ୍ଟାଲ ହାଇୱେ ଆକ୍ସନ କମିଟି (ବିସିଏଚ୍‌ଏସି) ପକ୍ଷରୁ ପ୍ରସ୍ତାବିତ ଗୋପାଳପୁରରୁ ରତନପୁର ରାସ୍ତା ବଦଳା ଯିବାକୁ ମଧ୍ୟ ଦାବି ହୋଇଥିଲା।




ପ୍ରସ୍ତାବିତ ଉପକୂଳ ଜାତୀୟ ରାଜପଥର ନକ୍ସା।



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ବାଲିକୁଦା ବ୍ଲକ ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟିର ସଦସ୍ୟବୃନ୍ଦ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁପ୍ତ ରଞ୍ଜନ



@ ବିଶ୍ୱଜିତ୍



@ ବର୍ଷା



@ ଭାବଗ୍ରାହୀ



@ ବନିତା



@ ଗୋପାଳ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଣଫୁଟାକୁ କେନ୍ଦ୍ରକରି ଗଣ୍ଡଗୋଳ, ଥାନାରେ ମାମଲା

**ରସୁଲପୁର,୨୬।୧୦ (ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମରେ ଦୀପାବଳି ରାତିରେ ବାଣଫୁଟାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ଶିଶୁ ସମେତ ୨ଜଣ ଆହତ ହୋଇଛନ୍ତି। ଉଭୟଙ୍କୁ ମଧୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷରୁ ଏ ନେଇ ଥାନାରେ ପୃଥକ ଭାବରେ ଦୁଇଟି ଅଭିଯୋଗ କରାଯାଇଛି। ତଦନ୍ତ ଅଧିକାରୀ ଏଏସ୍‌ଆଇ ଦେବପଦ ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

ସୂଚନା ମୁତାବକ, ବଡ଼ବଡୁଆଙ୍କୁ ଡାକିବା ପାଇଁ ଗାଁଦାଣ୍ଡରେ ପିପେଁଇ ନିଆଁ ଲଗାଯାଇଥିଲା। ଏହି ସ୍ଥାନରେ ଗ୍ରାମର ସ୍ମୃତିରଂଜନ ସାହାଣୀଙ୍କ ୮ବର୍ଷର ପୁଅ ପ୍ରତୀକ ସେଠାରେ ଖେଳୁଥିଲେ। ସେହି ଗ୍ରାମର ସାଗର ନାୟକ ଏକ କଡମା ବାଣ ନିଆଁରେ ପକାଇ ଦେଇଥିଲେ। ବାଣ ଫୁଟିବାରୁ ନିଆଁଝୁଲ ଉଡି ପ୍ରତିକଙ୍କ ଆଖିରେ ପଡିଥିଲା । ଏଥିରେ ପ୍ରତୀକ ଆହତ ହୋଇପଡିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପ୍ରତୀକଙ୍କ ବାପା ସ୍ମୃତିରଂଜନଙ୍କ ମାଡରେ ସାଗରଙ୍କ ମୁଣ୍ଡରେ ଅଘାତ ଲାଗିଥିଲା। ସ୍ମୃତିରଞ୍ଜନଙ୍କ ଅଭିଯୋଗ କ୍ରମେ ଥାନାରେ ନଂ.୩୨୭/୨୨ ଓ ସାଗରଙ୍କ ବାପାଙ୍କ ଅଭିଯୋଗ ଅନୁସାରେ ନଂ.୩୨୮/୨୨ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଉଭୟ ପକ୍ଷ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଆହତ ରିପୋର୍ଟ ଆଣି ଥାନାରେ ଦାଖଲ କରିଛନ୍ତି।

## ସଂକ୍ଷେପରେ

### ବାଣ ଫୁଟି ନାବାଳକଙ୍କ ଅନ୍ତବୁଜୁଳା ବାହାରିପଡ଼ିଲା

ଆଳି,୨୬।୧୦(ଡି.ଏନ୍.ଏ.):ଆଳି ଥାନା ଅନ୍ତର୍ଗତ ନିଆଳ ଗ୍ରାମର ଅଭୟ ମଲିକଙ୍କ ନାବାଳକ ପୁଅ ସାଗର ବାଣ ଫୁଟାଇ ଗୁରୁତର ହୋଇଛନ୍ତି। ଦୀପାବଳିରେ ବାଣ ଫୁଟାଇବା ପରେ ଅବଶିଷ୍ଟ ବାଣ ବଳିପଡିଥିଲା। ସେହି ବାଣକୁ ସାଗର ବୁଧବାର ସକାଳେ ଘର ନିକଟରେ ଫୁଟାଉ ଥିଲେ। ଗୋଟିଏ ବାଣକୁ କଂସା ଘୋଡାଇ ନିଆଁ ଲଗାଇଥିଲେ। ବାଣଟି ଫୁଟିବା ସହିତ କଂସାଟି ଫାଟି ସାଗରଙ୍କ ପେଟକୁ କାଟି ଦେଇଥିଲା। ପେଟ କଟିଯିବାରୁ ତାଙ୍କ ଅନ୍ତବୁଜୁଳା ବାହାରି ପଡିଥିଲା। ପୁଅର ଏପରି ଅବସ୍ଥା ଦେଖି ପରିବାର ଲୋକ ତାଙ୍କୁ ପ୍ରଥମେ ଆଳି ମେଡିକାଲ ନେଇଥଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଡେରାବିଶ,୨୬।୧୦(ସ୍ୱ.ପ୍ର.):ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅର୍ନ୍ତଗତ ପଲେଇ ଗ୍ରାମର ବାସିନ୍ଦା ତଥା ପୂର୍ବତନ ସରପଞ୍ଚ ସବିତା କର (୬୦)ଙ୍କ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୧୯୯୭ରୁ ୨୦୦୨ପର୍ଯ୍ୟନ୍ତ ସେ ପଲେଇ ପଞ୍ଚୟତରେ ସମିତିସଭ୍ୟା ଭାବେ ପ୍ରଥମେ ନିର୍ବାଚିତ ହୋଇଥିଲେ। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ପ୍ରତିନିଧିତ୍ୱ ସମୟରେ ପଞ୍ଚାୟତରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିଲା। ଏ ସଂକ୍ରାନ୍ତରେ ଜଣାପଡ଼ିବା ପରେ ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ପଲେଇ ପଞ୍ଚାୟତ ସରପଞ୍ଚ ଅକ୍ଷୟ ସାହୁ, ସମିତି ସଭ୍ୟା ତୃପ୍ତିମୟୀ ଜେନାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଶାନ୍ତନୁ ମୁଖାଗ୍ନି ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର: ୧୦ଜଣଙ୍କ ହେବ ମୋତିଆବିନ୍ଦୁ ଅପରେଶନ

ରଘୁନାଥପୁର,୨୬।୧୦(ଡି.ଏନ.ଏ.): ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁରସ୍ଥିତ ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଟେକ୍‌ନିକସିଆନ ଦେବୀପ୍ରସାଦ ରାଉତ ଓ ପ୍ରଦୀପ୍ତ କୁମାର ମହାନ୍ତି ଉପସ୍ଥିତ ରହି ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୨୭ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ମୋତିଆ ବିନ୍ଦୁ ଅପରେଶନ ପାଇଁ ମହିଳସ୍ଥିତ ହସ୍ପିଟାଲକୁ ନିଆଯାଇଛି। ପ୍ରତି ରୋଗୀଙ୍କ ପିଛା ସରକାର ବି.ଏସ.କେ. ଯୋଜନାରୁ ୭୫୦୦ଟଙ୍କା ଯୋଗାଇ ଦିଆଯାଇଛି। ଅଧିକ ଖର୍ଚ୍ଚ ଆବଶ୍ୟକ ହେଲେ ହସ୍ପିଟାଲ ବହନ କରିବ ବୋଲି ସୂଚନା ମିଳିଛି। ପଞ୍ଚାୟତର କେତେକ ବୃଦ୍ଧାବୃଦ୍ଧ ଓ ଅସହାୟ ବ୍ୟକ୍ତି ଭତ୍ତା ନେବା ପାଇଁ କାର୍ଯ୍ୟାଳୟକୁ ଆସିବା ବେଳେ ସେମାନଙ୍କ ଚକ୍ଷୁ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଏହି ଶିବିର ଆୟୋଜନ କରିବାକୁ ମନସ୍ଥ କରିଥିବା ସରପଞ୍ଚ ପଣ୍ଡା କହିଛନ୍ତି। ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପଣ୍ଡା, ତପନ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ନାମକୁ ମାତ୍ର ନିଷିଦ୍ଧାଞ୍ଚଳ ଘୋଷଣା

- ଗହୀରମଥାରେ ଟ୍ରଲର ମାଲିକଙ୍କ ସହ ଚାଲିଛି ଡିଲ୍
- ଚଳିତ ବର୍ଷର ଡିଲ୍ ୮୦ ଲକ୍ଷ ଟଙ୍କା
- ଏଭଳି କେବେ ହୋଇନାହିଁ କହିଲେ ରେଞ୍ଜର

କେନ୍ଦ୍ରାପଡ଼ା ଅଫିସ, ୨୬।୧୦

ସମୁଦ୍ର ମଧ୍ୟରେ ମାଛ ହାଟ ହେଉଛି। ଟ୍ରଲର ମାଲିକମାନେ ସେଠାରୁ ମାଛ ନେଇ ଯାଉଛନ୍ତି। ଗହୀରମଥାରେ ମାଛ ମାରିବା କଟକଣା ସମୟରେ ସେଠାକୁ ଅବାଧ ପ୍ରବେଶ ଚାଲିଛି। ବନ କର୍ମଚାରୀ ଏଥିପାଇଁ ୮୦ ଲକ୍ଷ ଟଙ୍କା ବାଲେଶ୍ୱର ଜିଲାର ଟ୍ରଲରମାଲିକଙ୍କ ସହିତ ଡିଲ୍ କରିଛନ୍ତି। କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାର କେତେଜଣ ମତ୍ସ୍ୟଜୀବୀ ଏପ୍ରକାର ଅଭିଯୋଗ ଆଣିଛନ୍ତି। ଯାହାଫଳରେ ଅଲିଭ ରିଡଲେଙ୍କ ଆଗମନ ହ୍ରାସ ପାଇବା ସହ ଗହୀରମଥାରେ ନିଷିଦ୍ଧାଞ୍ଚଳ କଟକଣା ନାମକୁ ମାତ୍ର ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ବିଶ୍ୱପ୍ରସିଦ୍ଧ ଭିତରକନିକା ସଂଲଗ୍ନ ୧୪୩୫ ବର୍ଗ କିଲୋମିଟର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଛି। ପ୍ରତିବର୍ଷ ବିରଳ ଅଲିଭ ରିଡଲେ କଇଁଛ ଅଣ୍ଡାଦାନ ପାଇଁ ଆସୁଥିବାରୁ ଏହା ଅନ୍ତର୍ଜାତୀୟ ଭାବେ ପରିଚିତ। ଏହି ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏଥିପାଇଁ ଆଗମନ ଓ ପ୍ରସ୍ଥାନ ସମୟ ଅବଧି ଅର୍ଥାତ୍ ନଭେମ୍ବର ୧ରୁ ମେ ୧୧ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା ହୁଏ। ତେବେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ଅଭିଯୋଗ ଅନୁଯାୟୀ, ନିଷିଦ୍ଧାଞ୍ଚଳରେ ମାଛ ମାରିବା ପାଇଁ ବନ ବିଭାଗ କର୍ମଚାରୀ ଟ୍ରଲର ସଂଘ ସହ ପ୍ରତିବର୍ଷ ଡିଲ କରୁଛନ୍ତି। ଚଳିତ ବର୍ଷ ଏହି ଡିଲ ବାଲେଶ୍ୱର ଟ୍ରଲର ମାଲିକ ସଂଘ ସହ ୮୦ ଲକ୍ଷ ଟଙ୍କାରେ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତାଙ୍କ ସମ୍ପୃକ୍ତି ରହିଛି। ଗତବର୍ଷ ମଧ୍ୟ ଏପ୍ରକାର ଡିଲ ହୋଇଥିଲା। ନିଷିଦ୍ଧାଞ୍ଚଳରୁ ମାଛ ମାରିବା ସହ ସମୁଦ୍ର ମଝିରେ ମାଛ ହାଟ ଚାଲିଥିଲା। ଏପରି ଡିଲରୁ ବଞ୍ଚିତ ହୋଇଥିବା କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାର ମତ୍ସ୍ୟଜୀବୀମାନେ ବନ ବିଭାଗର ଆକ୍ରୋଶର ଶୀକାର ହୋଇ ଗିରଫ ହୋଇଛନ୍ତି। ଅପରପକ୍ଷେ କେତେଜଣ ପରିବେଶବିତ୍ ଏହି ଡିଲକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଗହୀରମଥାର ନିଷିଦ୍ଧାଞ୍ଚଳରେ ଟ୍ରଲର ଚଳାଚଳ କଲେ ଅଲିଭ ରିଡଲେଙ୍କ ଜୀବନହାନୀ ହେବ। ଗ୍ରୀଲନେଟ୍‌ରେ ପଡି ସେମାନେ ମୃତ୍ୟୁ ଘଟିବ। ଏଥିସହିତ କଇଁଛ ଓ ଶାବକ ଚୋରାଚାଲାଣ ପାଇଁ ବାଟ ଫିଟିବ। ଏପରି ହେଲେ ଆଗାମୀଦିନରେ ଗହୀରମଥାକୁ ଅସୁରକ୍ଷିତ ମନେ କରି ଅଲିଭରିଡଲେ ଆସିବେ ନାହିଁ ବୋଲି ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କରିଛନ୍ତି। ଅପରପକ୍ଷେ ରେଞ୍ଜର ମାନସ ଦାଶ କହିଛନ୍ତି, ଏପରି ଡିଲ କେବେ ହୋଇନାହିଁ। ନିଷିଦ୍ଧାଞ୍ଚଳରେ କୌଣସି ମତ୍ସ୍ୟଜୀବୀ କିମ୍ବା ଟ୍ରଲର ମାଛ ସଂଗ୍ରହ କରୁଥିବା ନଜରକୁ ଆସିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ସ୍ଥାନୀୟ ଅଞ୍ଚଳରେ ଏହା ଏକ ଅପପ୍ରଚାର ବୋଲି ରେଞ୍ଜର ଦାଶ କହିଛନ୍ତି।



ଭିତରକନିକା ଓ ଗହୀରମଥା ବନଖଣ୍ଡ ରାଜନଗର ଫଳକ ଲଗାଯାଇଛି।

# ଠିପି ଖୋଲା ମଦଦୋକାନକୁ ମହିଳାଙ୍କ ବିରୋଧ



ମଦ ଦୋକାନ ନ ଖୋଲିବା ଲାଗି ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଏରସମା,୨୬।୧୦ (ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ ନୂଆଡିହି ପଞ୍ଚାୟତସ୍ଥିତ ମହିମାଦେଇପୁର ଛକ ନିକଟରେ ହେବାକୁ ଥିବା ଠିପି ଖୋଲା ମଦ ଦୋକାନକୁ ବୁଧବାର ସ୍ଥାନୀୟ ମହିଳା ବିରୋଧ କରିଛନ୍ତି। ଅପରାହ୍ନରେ ଅନୁଷ୍ଠିତ ଶୋଭାଯାତ୍ରାରେ ମହିମାଦେଇପୁର, ପାଟପୁର, ଜଳଉ, ମଲ୍ଲିପୁର, ଘାଗଡା, ରୂପାଖଣ୍ଡି, ବରେହିକଣ ପ୍ରଭୃତି ଗ୍ରାମର ମହିଳାମାନେ ସାମିଲ ହୋଇଥିଲେ। ସେମାନେ ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ମଦ ବିରୋଧୀ ସ୍ଲୋଗାନ ଦେବା ସହ ଶୋଭାଯାତ୍ରାରେ ପାଟପୁର ଗ୍ରାମରୁ ବାହାରି ମହିମାଦେଇପୁର ଗ୍ରାମସ୍ଥିତ ଏରସମା–କୁଜଙ୍ଗ ମୁଖ୍ୟ ରାସ୍ତା ନିକଟକୁ ଆସିଥିଲେ। ମଦ ଦୋକାନ ହେଲେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଯୁବକ ଗୋଷ୍ଠୀ ମଦ ପିଇ ପରିବାର ବିଶୃଙ୍ଖଳା ସୃଷ୍ଟି କରିବେ। ଝିଅ, ବୋହୂ ଓ ଛାତ୍ରୀମାନେ ଉକ୍ତ ରାସ୍ତା ଦେଇ ଯିବାକୁ ନିରାପଦ ମଣିବେ ନାହିଁ। ତେଣୁ ଏହି ମଦ ଦୋକାନ ଖୋଲାଯିବାକୁ ବନ୍ଦ କରାଯାଉ। ପ୍ରଶାସନ ଯଦି ମଦ ଦୋକାନ ଖୋଲିବାରୁ ନ ଓହରେ ତେବେ ଆନ୍ଦୋଳନକୁ ଅଧିକ ପ୍ରସାର କରାଯିବ ବୋଲି ମହିଳାମାନେ କହିଥିଲେ।

# ଚାଷୀଙ୍କୁ ଫସଲ କ୍ଷତିପୂରଣ ଦାବିରେ ଆମରଣ ଅନଶନ

ଏରସମା,୨୬।୧୦(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକରେ ୨୦୨୧ରେ ଲଗାଣ ବର୍ଷା ଯୋଗୁ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ସହାୟତା ପ୍ରଦାନ କରିବା ଦାବିରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ବୁଧବାର ଆମରଣ ଅନଶନ ଆରମ୍ଭ ହୋଇଛି। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ରାମଚନ୍ଦ୍ର ମୁଦୁଲି, ପ୍ରଫୁଲ୍ଲ ଦାସ, ସର୍ବେଶ୍ୱର ବେଉରା, ପ୍ରଦୀପ୍ତ ସ୍ୱାଇଁ ଓ କାହ୍ନୁ ସେନାପତି ସାମିଲ ହୋଇଛନ୍ତି। ପୂର୍ବାହ୍ନରେ ଶତାଧିକ ଚାଷୀ ଏରସମା ବଜାର ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଗୋଡାର ପୂର୍ବତନ ସରପଞ୍ଚ ଦାମୋଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ହୋଇ ଚାଷୀଙ୍କ ପ୍ରତି ସରକାରଙ୍କ ଉଦାସୀନତାକୁ କଡା ସମାଲୋଚନା କରିଥିଲେ।



ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଚାଷୀମାନେ।

ସୂଚନାଯୋଗ୍ୟ, ଏରସମା ବ୍ଲକରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ମାତ୍ର ୨୦୨୧ ସେପ୍ଟେମ୍ବରରେ ଲଗାଣ ବର୍ଷା ହୋଇଥିଲା। ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଧାନ ପଚି ନଷ୍ଟ ହୋଇଯାଇଥିଲା। ଫଳରେ ବର୍ଷକର ଆହାର ଚାଷୀ ହରାଇଥିଲେ। ସେମାନେ ପରିବାର ପ୍ରତିପୋଷଣ କରିବା କଷ୍ଟ ସାଧ ହୋଇଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଧ୍ୟ ହୋଇ ଅଖିଳ ଭାରତ କୃଷକ ସଭା ଏରସମା ଶାଖା ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବରୁ ଆମରଣ ଅନଶନ କରାଯାଇଥିଲା। ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଏହା ମଧ୍ୟରେ ବର୍ଷେ ପୂରି ଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇ ନ ଥିବାରୁ ପୁଣି ଆମରଣ ଅନଶନ କରଯାଉଛି ବୋଲି କୁହାଯାଇଛି।

### ଖବରଦାତାଙ୍କୁ ମାଡ଼ ଘଟଣା, ୨ ଗିରଫ

ଆଳି,୨୬।୧୦ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାର ଏକ ଘରୋଇ ଚ୍ୟାନେଲ ଖବରଦାତା ପ୍ରଭାତ ଲେଙ୍କାଙ୍କୁ ମାଡ଼ ଘଟଣାରେ ଆଳି ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦାମୋଦର ବରାଳ ଓ ଭଞ୍ଜ କିଶୋର ବାରିକ। ଖବରଦାତା ଲେଙ୍କା ଗତ ୨୦ ତାରିଖ ଦିନ ଆଳିକୁ କୌଣସି କାମରେ ଆସିଥିବା ବେଳେ ଉଭୟ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପ୍ରଭାତ ଆହତ ହେବା ପରେ ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କେନ୍ଦ୍ରାପଡ଼ା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ପ୍ରଭାତଙ୍କ ସ୍ତ୍ରୀ ସୁମିତ୍ରା କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ କରିବା ପରେ ଆଳି ଥାନା ପୋଲିସ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୪୧୪/୨୨) ରୁଜୁ ହୋଇଛି।

# ତିର୍ତ୍ତୋଲରେ ଏଏପି ପକ୍ଷରୁ କାର୍ମକର୍ତ୍ତା ସମ୍ମିଳନୀ


ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀସ୍ତରୀୟ ଏଏପିର କର୍ମକର୍ତ୍ତା ସମ୍ମିଳନୀରେ ରାଜନେତାମାନେ।

ତିର୍ତ୍ତୋଲ, ୨୬।୧୦ ( ଡି.ଏନ.ଏ.)

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଆମ୍ ଆଦମୀ ପାର୍ଟି (ଏଏପି) କାର୍ମକର୍ତ୍ତା ସମ୍ମିଳନୀ ବୁଧବାର ସ୍ଥାନୀୟ ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ବ୍ଲକ ସଂଯୋଜକ ଶରତ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଦଳୀୟ ମୁଖପାତ୍ର ଶ୍ରୀକାନ୍ତ ପ୍ରଧାନ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ସାଙ୍ଗଠନିକ କାର୍ଯ୍ୟାବଳି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ସଂଯୋଜକ ନିରଞ୍ଜନ ବାରିକ, ନିର୍ବାଚନ ମଣ୍ଡଳୀ ଆବାହକ ସେଖ ନାସିରଉଦ୍ଦିନ, ରଘୁନାଥପୁର ବ୍ଲକ ସଂଯୋଜକ ପ୍ରଦୀପ କୁମାର ସେଠୀ, ଭାଗବତ ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। ନେତାମାନେ ବକ୍ତବ୍ୟରେ ଦଳୀୟ କାର୍ମକର୍ତ୍ତାମାନଙ୍କୁ ସଙ୍ଗଠନ ସମ୍ପର୍କରେ ସଚେତନ କରାଇଥିଲେ। ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ତିର୍ତ୍ତୋଲ, ବିରିଡି ଓ ରଘୁନାଥପୁର ବ୍ଲକର ବହୁ ପଞ୍ଚାୟତ ସଂଯୋଜକ ସାମିଲ ହୋଇଥିଲେ।

### ଗ୍ରାମ ମୁରବିଙ୍କ ପରଲୋକ

କୁଜଙ୍ଗ,୨୬।୧୦ (ଡି.ଏନ.ଏ.)

କୁଜଙ୍ଗ ବ୍ଲକ ପାରିଅଙ୍ଗ ଗାଁର ମୁରବୀ ହରେକୃଷ୍ଣ ସ୍ୱାଇଁଙ୍କର ବୁଧବାର ପରଲୋକ ଘଟିଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନୀତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ ଗାଁରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବାଲିଆ ସରପଞ୍ଚ ସରୋଜିନିନାୟକ, ନାଏବ ସରପଞ୍ଚ ସମରେନ୍ଦ୍ର ପ୍ରଧାନ, ବାସୁଦେବ ରାଉତ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ହରେକୃଷ୍ଣଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଦୁର୍ଯ୍ୟୋଧନ, ଜ୍ୱାଇଁ ଖବରଦାତା ଗୌରାଙ୍ଗ ସ୍ୱାଇଁ, କାଳନ୍ଦୀ ମହାପାତ୍ରଙ୍କ ସମେତ ଝିଅ, ଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଅପରାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କର ସଂସ୍କାର କରାଯାଇଛି।

# ଅସହାୟ ପରିବାରକୁ ପୁରାତନ ଛାତ୍ର ସଂସଦର ସହାୟତା

ରାଜନଗର,୨୬।୧୦(ଡି.ଏନ୍.ଏ.)

କର୍କଟ ରୋଗରେ ପୀଡ଼ିତ ହୋଇ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ତାଙ୍କ ୪ କୁନି ଝିଅ ଅନାଥ ହୋଇଯାଇଛନ୍ତି। ଏପରି ପରିସ୍ଥିତିରେ ସେହି ପିଲାଙ୍କ ମା’ ସ୍ୱାମୀଙ୍କ ଶୁଦ୍ଧି କ୍ରିୟା ଭିକ୍ଷା ମାଗୁଥିବା ସଂକ୍ରାନ୍ତରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଜିଲାରେ ଆଲୋଡନ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ରବୀନ୍ଦ୍ରଙ୍କ ଶୁଦ୍ଧି କ୍ରିୟା ପାଇଁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ମଙ୍ଗଳବାର ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ହାଇସ୍କୁଲର ୧୯୯୫ ବ୍ୟାଚର ପୁରାତନ ଛାତ୍ରୀଛାତ୍ର ବନ୍ଧୁମିଳନ ପାଇଁ ରଖିଥିବା ଅର୍ଥକୁ ରବୀନ୍ଦ୍ରଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ସରୋଜ କୁମାର ରାଉତ, ସୁଶାନ୍ତ ପରିଡା, ପ୍ରଦୀପ ନାୟକ, ସୁମନ୍ତ ରାଉତ, ମାନସୀ ରାଉତ, ସାବିତ୍ରୀ ରାଉତ, ତାରାମଣି ରାଉତ, ବିଚିତ୍ର ରାଉତ ପ୍ରମୁଖ ଏହି ଅସହାୟ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ସମସ୍ତଙ୍କ ପାଇଁ ଶାଢି ଓ ଡ୍ରେସ ସହ ନଗଦ ୫ ହଜାର ଟଙ୍କା ଯୋଗାଇ ଦେଇଛନ୍ତି। ସୂଚନାଯୋଗ୍ୟ,ରାଜନଗର ବ୍ଲକ ଘଡିଆମାଳ ଗାଁର ରବୀନ୍ଦ୍ର ପ୍ରଧାନ ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଦେହ ଖରାପ ହେବାରୁ ଘରକୁ ଚାଲି ଆସିଥିଲେ। ଆବଶ୍ୟକ ପରୀକ୍ଷା ପରେ ସେ ରକ୍ତ କର୍କଟରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା।

# ପ୍ରତିଭା ବିକାଶ କାର୍ଯ୍ୟକ୍ରମ, ୧୫୧ ଛାତ୍ରୀଛାତ୍ର ସାମିଲ

ରାଜକନିକା,୨୬।୧୦ (ଡି.ଏନ୍.ଏ.)

ରାଜକନିକା ବ୍ଲକ କଣ୍ଡିଆହାଟ ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ,ଡ୍ରଇଁ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପରିଷଦର ସ୍ଥାୟୀ ସଭାପତି ଲକ୍ଷ୍ମୀଧର ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନମତରା ସରପଞ୍ଚ କମଳିନୀ ଜେନା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କେଶବ ଚରଣ ନାୟକ, ବରିଷ୍ଠ ଖବରଦାତା ଶିବରାମ ଦାସ, ଉପସଭାପତି ବିଦ୍ୟାଧର ଦାସ, ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ସାହୁ, ସମ୍ପାଦକ ନିରଞ୍ଜନ ବେହେରା, ଖରସ୍ରୋତା ପତ୍ରିକାର ମୁଖ୍ୟ ସମ୍ପାଦକ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଦେଶସେବା ପାଇଁ ଜୀବନ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। ଯୋଗ କାର୍ଯ୍ୟକ୍ରମରେ ବିଜୟ କୁମାର ବେହୁରା ସହଯୋଗ କରିଥିବାବେଳେ ସଞ୍ଜୟ କୁମାର ସହାୟତା କରିଥିଲେ। ପଶ୍ଚିମକନିକାର ୧୫୧ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ନୂଆପଡ଼ାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ସଚେତନତା

ରଘୁନାଥପୁର,୨୬।୧୦(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ନୂଆପଡା ଗାଁରେ ଜଣେ ମହିଳା ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଅବସରରେ ଜଇପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡ଼ା. ବିଶ୍ୱକେଶନ ଖୁଣ୍ଟିଆ ଗାଁରେ ପହଞ୍ଚି ଲୋକଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ସମ୍ପର୍କରେ ସଚେତନ କରିଛନ୍ତି। ସରପଞ୍ଚଙ୍କ ପ୍ରତିନିଧି ଭାବେ ରହିମ ଖାଁ ଓ ସମିତିସଭ୍ୟାଙ୍କ ସ୍ୱାମୀ ଅଜୟ ସାମଲ, ସ୍ଥାନୀୟ ଅଙ୍ଗନୱାଡି, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଲୋକଙ୍କୁ ଏଡିସ ମଶାର ଉତ୍ପତ୍ତି ଓ ବଂଶ ବିସ୍ତାର ସମ୍ପର୍କରେ ବୁଝାଯାଇଥିଲା। ଏମାନଙ୍କଠାରୁ ରକ୍ଷା ପାଇବାକୁ ହେଲେ ପ୍ରଥମେ ପରିବେଶକୁ ସଫାସୁତୁରା ରଖିବା, ବିଭିନ୍ନ ସ୍ଥାନରେ ପଡିଥିବା ହାଣ୍ଡିମାଠିଆ ଓ ଟିଣ ଡବାରେ ଥିବା ପାଣିକୁ ନଷ୍ଟ କରିବା, ସର୍ବଦା ମଶାରୀ ପକେଇ ଶୋଇବାକୁ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କର୍ମଚାରୀ, ଆଶା ଓ ଅଙ୍ଗନବାଡି କର୍ମୀମାନେ ଗ୍ରାମର ପରିସ୍ଥିତି ଉପରେ ନଜର ରଖିବା ସହ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବାକୁ କୁହାଯାଇଥିଲା। ଏହାଛଡା ଏସ୍‌ଏଚଜି ମହିଳାମାନେ ପରିବେଶ ପରିଷ୍କାର ଉପରେ ଗୁରୁତ୍ୱ ଦେବାକୁ ସରପଞ୍ଚଙ୍କ ପ୍ରତିନିଧି ଖାଁ ପ୍ରକାଶ କରିଥିଲେ। ଶେଷରେ ଏକ ସଚେତନତା ରାଲି ଗ୍ରାମ୍ୟ ପରିକ୍ରମା କରିଥିଲା।


ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ସଚେତନତା କରାଯାଉଛି।

# ବ୍ରାହ୍ମଣୀ ନଦୀରେ ବାରମ୍ବାର ଭୁଶୁଡୁଛି ସ୍ପର

## ଜଳ ସମ୍ପଦ ବିଭାଗର ପଥର ପ୍ୟାକିଂ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨୬।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ପକ୍ଷରୁ ବ୍ରାହ୍ମଣୀ ନଦୀର ପାଳପାଟଣା, କଦମ୍ବଦାଣ୍ଡି ଓ ଉତିକୋଣ ଘେରି ବନ୍ଧ ହୋଇଥିବା ପଥର ପ୍ୟାକିଂ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। କେଉଁଠି କାମ ଅଧାପନ୍ତିରିଆ ହୋଇ ବିଲ୍ ଉଠା ଯାଇଛି ତ ଆଉ କେଉଁଠାରେ ନିର୍ମାଣ ହୋଇଥିବା ସ୍ପର ବାରମ୍ବାର ଭୁଶୁଡି ପଥର ଖସି ନଦୀ ଗର୍ଭକୁ ଚାଲିଗଲାଣି। ଏ ନେଇ ସାମାଜିକ କର୍ମୀ, ବୁଦ୍ଧିଜୀବୀ, ସ୍ଥାନିୟ ବାସିନ୍ଦା ଅଭିଯୋଗ କଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କ ଉତ୍ତର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସେ କହୁଛନ୍ତି, ପଥର ପ୍ୟାକିଂ ଭାଙ୍ଗି ନଦୀ ଭିତରକୁ ଯାଇଛି ଅନ୍ୟ କେହି ନେଇ ଯାଇନାହାନ୍ତି। ଅନ୍ୟ ଡିପାଟମେଣ୍ଟ କାମ ଅଧିକରୁ ଅଧିକ ଅଧାପନ୍ତିରିଆ ହୋଇପଡ଼ିଛି। ଲୋକମାନେ କାହିଁ ଅଭିଯୋଗ କରୁନାହାନ୍ତି। ଅଭିଯୋଗ କାହିଁକି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

ସାମାଜିକ କର୍ମୀ ଉତ୍ତମ ଖୁଣ୍ଟିଆ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ପ୍ରତିବର୍ଷ କୂଳରୁ ଅତଡା ଖାଉଛି। ଉତିକଣ ଭେଡାର ସୁରକ୍ଷା ପାଇଁ ନାବାର୍ଡ ଅନୁଦାନରେ ୨୦୧୮ରେ ଅଳଭାଠାରୁ ମଦନପୁର ପର୍ଯ୍ୟନ୍ତ ୧୩ କୋଟି ୧୫ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳରେ ଅକ୍ଟୋବର ୧୫ରେ ଆଡିବନ୍ଧ ଓ ପଥର ପ୍ୟାକିଂ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୦ ଏପ୍ରିଲ ୧୪ରେ କାମ ଶେଷ ହେବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ଏହା ୨୦୨୧ ଶେଷ ପର୍ଯ୍ୟନ୍ତ ଲାଗିଥିଲା। ବନ୍ଧ ପାର୍ଶ୍ୱରେ ୪୦ରୁ ୫୦ କିଗ୍ରା ପଥର ପ୍ୟାକିଂରେ ବ୍ୟବହାର କରିବାକୁ ଚୁକ୍ତି ହୋଇଥିଲା। ମାତ୍ର ପ୍ୟାକିଂରେ ୫ରୁ ୧୦ କିଗ୍ରା ପଥର ବ୍ୟବହାର କରାଯାଇଥିଲା। ଫଳରେ ଚଳିତବର୍ଷ ବନ୍ୟାର ପ୍ରଖର ସ୍ରୋତରେ ପଥର ପ୍ୟାକିଂ କେତେକ ସ୍ଥାନରେ ଭାଙ୍ଗି ଯାଇଥିବା ବେଳେ ବହୁ ସ୍ଥାନ ବାଲିରେ ପୋତି ହୋଇପଡିଛି। ଏବେ ଏହି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ କରୁଛି। ଅଡିବନ୍ଧ ମାଟି ହାଣି ନେଉଥିବା ଅଭିଯୋଗ ପରେ ମଧ ଜଳସମ୍ପଦ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଜିଲା କଂଗ୍ରେସ ଦଳିତ ସେଲ୍ ଅଧକ୍ଷ ସର୍ବେଶ୍ୱର ସେଠୀ କହିଛନ୍ତି, ବ୍ରାହ୍ମଣୀ ନଦୀ କୂଳରେ ଥିବା ଶ୍ରୀରାମପୁରର, ପାଳପାଟଣା, କଦମ୍ବଦାଣ୍ଡୀ ଉପାନ୍ତ ଗ୍ରାମ। ବର୍ଷା ଆଉ ବନ୍ୟା ସହ ଯୁଝୁଥିବା ଏହି ଗ୍ରାମଗୁଡିକର ଲୋକ ପିଢି ପରେ ପିଢି ସମସ୍ୟାରେ ଘାଣ୍ଟି ହୋଇ ଆସୁଛନ୍ତି। ନଦୀକୂଳିଆ ଗାଁ ହୋଇଥିବାରୁ ବନ୍ୟା ଆସିଲେ ଏମାନଙ୍କ ଚିନ୍ତା ବଢେ। ଏହି ଗ୍ରାମଗୁଡିକ ସୁରକ୍ଷା ପାଇଁ ପ୍ରଥମେ ପାଳପାଟଣା ଗ୍ରାମ ନିକଟ ବ୍ରାହ୍ମଣୀ କୂଳରେ ୨୦୧୯ ଜାନୁୟାରୀ ୧୬ରେ ନାବାର୍ଡ ପକ୍ଷରୁ ୧୭ କୋଟି ୮୩ ଲକ୍ଷ ୩୪ ହଜାରେ ଟଙ୍କା ବ୍ୟୟ ଅଟକଳରେ ପଥର ପ୍ୟାକିଂ ଓ ସ୍ପର କାର୍ଯ୍ୟ ନିର୍ମାଣ ହୋଇଥିଲା। ଏହି କାର୍ଯ୍ୟ ୨୦୨୦ ଜୁଲାଇ ୧୫ରେ ଶେଷ ହେବାକୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଠିକାଦାର କାର୍ଯ୍ୟ କରିବାରେ ଅବହେଳା ଓ ବିଳମ୍ବ ଯୋଗୁ ୨୦୨୨ ସୁଦ୍ଧା ମାତ୍ର ୮୦ ଭାଗ କାମ ହୋଇ ପାରିଛି। ନଦୀରେ ବଡ଼ବନ୍ୟା ଆସିବା ଫଳରେ ବ୍ରାହ୍ମଣୀ ନଦୀ କୂଳ ଉପରେ ୬ ଫୁଟ ଉଚ୍ଚର ପ୍ରଖର ସ୍ରୋତରେ ୪୦ ଭାଗ ପଥର ପ୍ୟାକିଂ କେତେକ ସ୍ଥାନରେ ଭାଙ୍ଗି ଯାଇଥିବା ବେଳେ ବହୁ ସ୍ଥାନ ବାଲିରେ ପୋତି ହୋଇପଡିଛି। ନିର୍ମିତ ୧୩ ଗୋଟି ସ୍ପର ମଧ୍ୟରୁ ୬ଟି ସ୍ପର ଭାଙ୍ଗିଯିବା ସହ ଦବି ଯାଇଛି। ତେବେ ଭାଙ୍ଗି ଦବି ଯାଇଥିବା ୬ଟି ସ୍ପର ପଥର ପ୍ୟାକିଂ ପୁନର୍ବାର କରିବାକୁ ସ୍ଥାନୀୟ ଲୋକ ବିଭାଗୀୟ ଯନ୍ତ୍ରୀଙ୍କୁ ଦାବି କରୁଛନ୍ତି। ସେହିପରି ୧୦ ଖଣ୍ଡ ଗାଁକୁ ରକ୍ଷା କରିବାକୁ ଜଳସମ୍ପଦ ବିଭାଗ କଦମ୍ବଦାଣ୍ଡି ସ୍ପର ଓ ପଥର ପ୍ୟାକିଂ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସେଠାରେ ଗ୍ରାନାଇଟ ପଥର ପରିବର୍ତ୍ତେ ମାଙ୍କଡା ବ୍ୟବହାର କରାଯାଉଛି। ଖାଲି ସେତିକି ନୁହେଁ, କାମ ବି ଅତ୍ୟନ୍ତ ନିମ୍ନମାନର ହେଉଛି। ପଥର ଉପରେ ପଥର ପକେଇ କାମ ସାରି ଦିଆଯାଉଛି। ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବାରୁ କାମ ନିମ୍ନମାନର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଜଳସମ୍ପଦ ବିଭାଗ ଅଫିସରେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ନିରଞ୍ଜନ ପାତ୍ର, ଉତ୍ସବ ବିଶ୍ୱାଳ, ଚକ୍ରଧର ସ୍ୱାଇଁ, ପୀତାମ୍ବର ବାରିକ, ଧବଳ ଚରଣ ନାୟକ, ଦଶରଥ ରାଉତରାୟ, ନିମାଇ ଚରଣ ଦାସ, ପ୍ରବୀର ବାରିକ, ନିତ୍ୟାନନ୍ଦ ରାଉତ, ସତ୍ୟବାନ ରାଉତ, ଆକୁଳି ମଲ୍ଲିକ ପ୍ରମୁଖ କହିଛନ୍ତି, ୬ ମାସ ଭିତରେ ଭୁଶୁଡ଼ି ଗଲା ପଥର ପ୍ୟାକିଂ। ତେଣୁ କେତେ ନିମ୍ନମାନର କାମ ହୋଇଛି ତାହା ସ୍ପଷ୍ଟ ଜଣାପଡୁଛି। ତେଣୁ ତୁରନ୍ତ ପୁଣି ଥରେ ଏହାର ମରାମତି କରାଯାଉ। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେହି ସ୍ଥାନକୁ ଯାଇ କାମ ଦେଖିବେ ବୋଲି ସେ କହିଛନ୍ତି।


ବ୍ରାହ୍ମଣୀ ନଦୀରେ ହୋଇଥିବା ସ୍ପର ଭୁଶୁଡି ପଡିଛି।

# ବ୍ରାଉନସୁଗାର ପାଇଁ ସ୍କୁଲରୁ ଚୋରି

**ନୟାଗଡ ଅଫିସ,୨୬।୧୦**

ବ୍ରାଉନସୁଗାର ଖାଇବା ପାଇଁ ନିଶାଖୋର ଯୁବକମାନେ ସ୍କୁଲର ଲୁହା କବାଟ ଏବଂ ଆଜବେଷ୍ଟସ ତଳେ ଲାଗିଥିବା ଲୁହା ବିମକୁ କାଟି ନେଇଛନ୍ତି । ରବିବାର, ଦୀପାବଳି ଓ ସୂର୍ଯ୍ୟପରାଗ ପରି ୩ଦିନ ଛୁଟିର ଫାଇଦା ନେଇ ନିଶାଖୋର ଯୁବକମାନେ ନୟାଗଡ଼ ଟାଉନ ଥାନା ନୟାଗଡ଼ ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ନୂଆ ରାଜବାଟୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବିପଦସଙ୍କୁଳ କରି ଦେଇଛନ୍ତି । ସନ୍ଧ୍ୟା ନଇଁଲେ ପ୍ରତ୍ୟହ ସ୍କୁଲ ପରିସର ଅସମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟୁଛି । ଏଠାରେ ଗଞ୍ଜେଇ, ମଦ ଓ ବ୍ରାଉନସୁଗାର ଖାଇବା, ବିକ୍ରୟ ସହ ଭୋଜି ଭାତର ଆସର ଜମିଥାଏ । ଏପରିକି ଗାଳିଗୁଲଜ ଓ ଗଣ୍ଡଗୋଳ ହେବାର ବିଭିନ୍ନ ସମୟରେ ନଜିର ରହିଛି । ନୂଆ ରାଜବାଟୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ନୟାଗଡ଼ କେଶରପୁର ରାସ୍ତା ପାର୍ଶ୍ୱରେ ଥିବାବେଳେ ନିକଟରେ ଆଖଣ୍ଡଳମଣି ଶିବ ମନ୍ଦିର ରହିଛି । ଏହି ସ୍କୁଲରେ ପ୍ରାଚୀର ନ ଥିବାବେଳେ ବିଦ୍ୟୁତ୍ ମଧ୍ୟ ନାହିଁ । ନିଶାଖୋର ଯୁବକମାନଙ୍କୁ ଘଉଡାଇବା ପାଇଁ ବିଭିନ୍ନ ସମୟରେ ପ୍ରୟାସ ହୋଇଛି । ତେବେ



ଭାଙ୍ଗିପଡ଼ିଥିବା ଛାତ।

ନିଶାଖୋର ଯୁବକମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ସେମାନଙ୍କୁ ହଟାଇବା କାଠିକର ପାଠ ହୋଇ ପଡିଥିଲା। ବରଂ ସେମାନଙ୍କ ଉତ୍ପାତ ବଢ଼ି ଚାଲିଥିଲା। ତେବେ ସ୍କୁଲରୁ ଲୁହା କବାଟ ଏବଂ ଆଜବେଷ୍ଟସ ତଳେ ଲାଗିଥିବା ଲୁହା ବିମ ଚୋରି ପରେ ଅସମାଜିକ ଯୁବକଙ୍କ କାର୍ଯ୍ୟକଳାପ ଉପରେ ଲଗାମ ଲଗାଇବାର ଆବଶ୍ୟକତା ପଡିଛି। ହେଲେ ଏହା କେତେଦୂର ହେଉଛି ସମୟ

■ କାଟି ନେଲେ ଲୁହା ବିମ୍ ଓ ଲୁହା କବାଟ

■ ୩ ଦିନ ଛୁଟିର ଫାଇଦା ଉଠାଇଲେ ଚୋର

■ ସନ୍ଧ୍ୟା ନଇଁଲେ ନିଶାଖୋର ଯୁବକଙ୍କ ଆଡ୍ଡାସ୍ଥଳୀ

କହିବ। ସ୍କୁଲରୁ ଲୁହା କବାଟ ଏବଂ ଆଜବେଷ୍ଟସ ତଳେ ଲାଗିଥିବା ଲୁହା ବିମ ଚୋରି ନେଇ ବୁଧବାର ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପରେ ଜଣାପଡିଥିଲା । ଏନେଇ ଅଙ୍ଗନୱାଡି କର୍ମୀ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ କର ପ୍ରଥମେ ଚୋରି ସମ୍ପର୍କରେ ନୟାଗଡ଼ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇ ପରାମର୍ଶ କ୍ରମେ ଟାଉନ ଥାନାରେ ଏତଲା ଦାଖଲ କରିଛନ୍ତି ।

ନିଶାଖୋର ଯୁବକଙ୍କ ଆଡାସ୍ଥଳୀ ହେବା ପରେ ଟାର୍ଗେଟକୁ ସ୍କୁଲ / ଅଙ୍ଗନୱାଡି ଆସୁଛି। ପରେ ସେଥିରୁ ଚୋରି ହେଉଛି । ୨୦୨୨ ମାର୍ଚ୍ଚ ୧ରେ ୧୫ ନଂ. ୱାର୍ଡ ରାଜବଗିଚା ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ହୋଇଥିଲା । ଏଠାରେ ନିଶାଖୋର ଯୁକମାନେ ଚୋରି କରିଥିଲେହେଁ ପୋଲିସ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ଚୋରି ଉପକରଣ ଧରାପଡିଲାନି । ଏବେ ରାଜବଗିଚାର ସିଦ୍ଧେଶ୍ୱରୀ କଲ୍ୟାଣୀ ମଣ୍ଡପ ଓ ମିଶନ ଶକ୍ତି ଗୃହରେ ନିଶାଖୋର ଯୁବକଙ୍କ ଆଡ୍ଡାସ୍ଥଳୀ ଜମୁଛି ।

ନୟାଗଡ଼ ସହର ବଢ଼ି ଚାଲିଛି । ନୟାଗଡ଼ ମ୍ୟୁନିସିପାଲିଟିରେ ୧୩ ଟି ୱାର୍ଡ ଥିବାବେଳେ ଏହା ୧୬ଟି ୱାର୍ଡରେ ପହଞ୍ଚିଲାଣି । ହେଲେ ପୋଲିସ ପକ୍ଷରୁ କେତେକ ଗଳିକନ୍ଦିକୁ ଛାଡିଦେଲେ ଅନ୍ୟ ଅଞ୍ଚଳରେ ପାଟ୍ରୋଲିଂ ହେଉନି ବୋଲି ଅଭିଯୋଗ ହୋଇ ଆସୁଛି । ତାଲା ପଡିଲେ ଘର ଚୋରଙ୍କ ଟାର୍ଗେଟକୁ ଆସି ଯାଉଛି । ସହରରେ ବ୍ରାଉନସୁଗାର କାରବାର ଅବାଧରେ ଚାଲୁଛି । ଛକ, ମନ୍ଦିର, ସ୍କୁଲ, ଗଳି, କନ୍ଦି ସବୁସ୍ଥାନରେ ବ୍ରାଉନସୁଗାର କାରବାର ଚାଲୁଛି ।ପୋଲିସର ଧରପଗଡ ନ ଥିବାରୁ ଏହାର କାରବାର ବଢ଼ି ଚାଲିଛି । ଏନେଇ ଏସପି ଅଲେଖ ଚନ୍ଦ୍ର ପହି କୁହନ୍ତି ପୋଲିସ ପକ୍ଷରୁ ବ୍ରାଉନସୁଗାର କାରବାର ଉପରେ ଲଗାମ ଦିଆ ଯାଉଛି । ଚୋର, ଲୁଟେରା ଓ ଡକାୟତିଙ୍କୁ ଗିରଫ କରାଯାଉଛି । ଏହାକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି ବୋଲି କହିଛନ୍ତି ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଖଣ୍ଡପଡ଼ା,୨୬।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ଝିଲ୍ଲୀପଡ଼ା ଗ୍ରାମ ନିକଟରେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତାଙ୍କ ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମୃତକ ହେଲେ ଖଳିସାହି ଗ୍ରାମ ହନୁମାନ ସାହିର ଗଣେଶ୍ୱର ମୁଦୁଲି(୩୧) । ଆହତ ପ୍ରକାଶ ମୁଦୁଲି (୩୩) । ଉଭୟ ଏକ ବାଇକ୍‌ରେ ନୟାଗଡ଼ରୁ ଖଳିସାହି ଅଭିମୁଖେ ଫେରୁଥିବା ବେଳେ ଝିଲ୍ଲୀପଡ଼ା ଗ୍ରାମ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ବାଲି ଗଦା ଯୋଗୁ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି ।

## ଚେକ୍ ଡ୍ୟାମ୍,ପଥରବନ୍ଧ ଦୁର୍ନୀତ: ବ୍ଲକ ଅଧକ୍ଷଙ୍କୁ ଦାୟୀ କଲା ଛାତ୍ର କଂଗ୍ରେସ



ନିର୍ମାଣ ହୋଇଥିବା ପଥରବନ୍ଧ।

**ଓଡ଼ଗାଁ, ୨୬।୧୦(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଗୋଛା ସଂରକ୍ଷିତ ଜଙ୍ଗଲରେ କେତେକ ଚେକ ଡ୍ୟାମ ଓ ପଥର ବନ୍ଧ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଚର୍ଚ୍ଚା ଜୋର ଧରିଥିଲା । ଏହାକୁ ନେଇ ପଞ୍ଚାୟତ ସମିତି ସାଧାରଣ ବୈଠକ ଓ ଜିଲା ପରିଷଦ ସାଧାରଣ ଅଧିବେଶନରେ ଅଭିଯୋଗ ହୋଇଥିବା ବେଳେ ଉଭୟ ଗୃହର ଅଧକ୍ଷ ଏହାର ତଦନ୍ତ କରିବା ନେଇ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇଥିଲା । ଏପରିକି ବ୍ଲକ ଅଧକ୍ଷ ଲୋକନାଥ ସାହୁ ୧୯ ଅଗଷ୍ଟରେ ଏହାର ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରିଥିବା ବେଳେ ୧୪ ସେପ୍ଟମ୍ବରରେ ଜିଲା ପରିଷଦ ଅଧକ୍ଷ ଇ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏହାକୁ ତଦନ୍ତ କରାଯିବ ବୋଲି ଦିନ ଧାର୍ଯ୍ୟ କରାଯାଇଥିଲା । ହେଲେ ଏ ଯାବତ୍ କୌଣସି ତଦନ୍ତ ହୋଇ ନ ଥିବା ତଥା ତଦନ୍ତ ବାଟବଣା ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୨ କୋଟି ଟଙ୍କାର ଦୁର୍ନୀତିକୁ ସରକାରୀ ଦଳ ଘଣ୍ଟଘୋଡାଉଥିବା ନେଇ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଷୋୟୀ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ସେ ଏନେଇ ବ୍ଲକ ଅଧକ୍ଷଙ୍କୁ ଭେଟି ଏହାର ସ୍ପଷ୍ଟୀକରଣ ମାଗିବା ନେଇ କହିଛନ୍ତି । ଅନ୍ୟପକ୍ଷେ ଇତି ମଧ୍ୟରେ ପ୍ରାୟ ଦେଢ କୋଟି ଟଙ୍କା ସରକାରୀ ଅନୁଦାନରେ ସଂପୃକ୍ତ ସଂରକ୍ଷିତ ଜଙ୍ଗଲରେ ୩ ଚେକ୍ ଡ୍ୟାମ ଓ ୯୦ରୁ ଉର୍ଦ୍ଧ୍ୱ ୧୦ ରୁ ୧୫ ଫୁଟ ଓସାର ବିଶିଷ୍ଟ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବନାଞ୍ଚଳ ଅଧିକାରୀ ଆଶିଷ କୁମାର କଅଁର ପ୍ରକାଶ କରିଛନ୍ତି । ଏପରିକି ବନ ବିଭାଗୀୟ ଓ ଅନ୍ୟ ଦୁଇ ସରକାରୀ ସଂସ୍ଥା ଏହାର ତଦନ୍ତ କରି ଫେରିଥିବା ସେ କହିଛନ୍ତି ।

## ୧୦ ଦିନ ପରେ ବି ପାନୀୟ ଜଳ ଯୋଗାଣ ବନ୍ଦ

**ଖଣ୍ଡପଡ଼ା,୨୬।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ ଗ୍ରାମବାସୀ ଗତ ୧୦ ଦିନ ହେଲା ପାଇପ୍ ଲାଇନ ଯୋଗେ ପାନୀୟ ଜଳମୁନ୍ଦେ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି । ଗତ ୧୯ ତାରିଖରେ ଧରିତ୍ରୀରେ 'ଜଳ ଯୋଗାଣ ବନ୍ଦ, ଚାଉପଲ୍ଲୀ ଗ୍ରାମବାସୀ ହନ୍ତସନ୍ତ ଶୀର୍ଷକରେ ଏକ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କର୍ମଚାରୀମାନେ ପାନୀୟ ଜଳ ଯୋଗାଣ ପମ୍ପ ହାଉସରେ ପହଞ୍ଚି ଆନୁସଙ୍ଗିକ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ତଥାପି ପମ୍ପ ହାଉସଟି କାର୍ଯ୍ୟକ୍ଷମ ହୋଇପାରିନାହିଁ । ଆଉ କେତେ ଦିନ ପରେ ଗ୍ରାମବାସୀ ପାନୀୟ ଜଳ ପାଇବେ ବୋଲି ମର୍ଦ୍ଦରାଜପୁର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିଲେ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁ ନାହିଁ । ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ହେବେ ବୋଲି ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ହୋତା କହିଛନ୍ତି ।

## ବିଧାନସଭା ସମ୍ମୁଖରେ ବିକ୍ଷୋଭ ପାଇଁ ପ୍ରସ୍ତୁତି

**ଦଶପଲ୍ଲା,୨୬।୧୦(ଡି.ଏନ.ଏ.):** ମଙ୍ଗଳବାର ଦଶପଲ୍ଲା ହରିଡ଼ାହାରି ପ୍ରାଥମିକ ବିଦ୍ୟାଳୟଠାରେ ନୂତନ ପେନସନ ଭୁକ୍ତ ରେଗୁଲାର ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା । ଆଗାମୀ ବିଧାନସଭା ଅଧିବେଶନ ସମୟରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବିଶେଷ କରି ୬ ବର୍ଷ ଠିକା ସମୟକୁ ଚାକିରି କାଳରେ ଗଣନା କରିବା, ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ, ୨୮୦୦ ଗ୍ରେଡ୍ ପେ ପ୍ରଦାନ ତଥା ପୁରୁଣା ପେନଶନ ବ୍ୟବସ୍ଥା ଲାଗୁ କରିବାକୁ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଦଶପଲ୍ଲା ବ୍ଲକର ବହୁ ଶିକ୍ଷକ ଅଂଶଗ୍ରହଣ କରି ଆନ୍ଦୋଳନକୁ ସଫଳ କରିବା ନିଷ୍ପତ୍ତି ଗ୍ରହଣ କରିଥିଲେ ।

## ଗିରିଗୋବର୍ଦ୍ଧନ ପୂଜା ପାଳିତ

**ଖଣ୍ଡପଡ଼ା,୨୬।୧୦(ସ୍ୱ.ପ୍ର.)**

ଗୁରୁବାର ଖଣ୍ଡପଡ଼ା ବ୍ଲକ ପଥରଦ୍ୱାର ଗ୍ରାମ ମା' ପୂର୍ଣ୍ଣବାସୀଙ୍କ ପୀଠରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଗ୍ରାମରେ ଥିବା ମା' ପୂର୍ଣ୍ଣବାସୀ ଯୁବ କ୍ଲବ ଆନୁକୂଲ୍ୟରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗତ ୨୧ ବର୍ଷ ଧରି ଚାଲୁଛି । ମନ୍ଦିର ପୂଜକଙ୍କ ସୂଚନା କ୍ରମେ ଭାଲୁଖାଇ ମୁଣ୍ଡିଆ ଉପରେ ମା' ପୂର୍ଣ୍ଣବାସୀ ଦେବୀଙ୍କ ଆସ୍ଥାନ ରହିଥିବାରୁ ଗିରିଗୋବର୍ଦ୍ଧନ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଇ ପାହାଡ଼ ଉପରକୁ ବିଜେ କରାଯାଇଥାଏ । ଏହି ଅବସରରେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ । ସେହିପରି ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତର ଭୋଗଡା ଗ୍ରାମ କମିଟି ଆନୁକୂଲ୍ୟରେ ଗ୍ରାମୀଣ ସଂସ୍କୃତି ମହୋତ୍ସବ ଓ ଗିରିଗୋବର୍ଦ୍ଧନ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭୋଗଡା ଗ୍ରାମ ଗୋପାଳ ସମାଜ ପକ୍ଷରୁ ଆୟୋଜିତ ଲଉଡି ଖେଳ ଓ ନନ୍ଦ ରାଜାଙ୍କ ସହିତ କୃଷ୍ଣ ବଳରାମ ଓ ଗୋପ ଗୋପାଙ୍ଗନାମାନଙ୍କ ସହ ମିଶି ଗ୍ରାମ ପରିକ୍ରମା କରିବାର ଦୃଶ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୁପ୍ତ ରଞ୍ଜନ



@ ବିଶ୍ୱଜିତ୍



@ ବର୍ଷା



@ ଭାବଗ୍ରାହୀ



@ ବନିତା



@ ଗୋପାଳ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କ୍ଷତି ପୂରଣ,କାର୍ଯ୍ୟାନୁଷ୍ଠାନ ଦାବି କରି ୫-ଟି ସଚିବଙ୍କୁ ଚିଠି

**ନୂଆଗାଁ ୨୬।୧୦ (ଡି.ଏନ.ଏ.)**

ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ରୋଗୀଙ୍କ ମୃତ୍ୟୁ ଘଟଣା

ଗାଁକୁ ଆମ୍ବୁଲାନ୍ସ ଯାଇ ପାରିଲା ନାହିଁ। ଖଟିଆରେ ୩ କିଲୋମିଟର ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ରୋଗୀଙ୍କୁ ଡାକ୍ତରଖାନା ନିଆଗଲା। କିନ୍ତୁ ଡାକ୍ତର ସେଠାରେ ରୋଗୀଙ୍କୁ ମୃତ ଘୋଷଣା କଲେ । ଏଭଳି ଏକ ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛି ନୟାଗଡ଼ ଜିଲା କଂଗ୍ରେସ କମିଟି । ଏ ନେଇ ବୁଧବାର ନୟାଗଡ଼ କଂଗ୍ରେସ କମିଟି ତରଫରୁ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଚିଠି ଲେଖି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ୨ ନମ୍ବର ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି ।

ଅଭିଯୋଗ ଅନୁଯାୟୀ, ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ କୋଶଳାଙ୍ଗ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିଲେ ମଧ୍ୟ ଆରଡି ବିଭାଗର ୨ନଂ. ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ ଅବହେଳା ଓ ସଂପୃକ୍ତ ଠିକାସଂସ୍ଥା ପ୍ରତି ଅନୁକମ୍ପା ଦେଖାଇ ରାସ୍ତା ନିର୍ମାଣ କାର୍ଯ୍ୟରେ ଅବହେଳା କରାଯାଇଛି । ଫଳରେ କୋଶଳାଙ୍ଗ ଗ୍ରାମର ଫକୀର ପ୍ରଧାନଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଡକାଯାଇଥିଲେ ମଧ୍ୟ ତାହା କୋଶଳାଙ୍ଗ ଗ୍ରାମକୁ ଯାଇପାରିଲାନାହିଁ । ତେଣୁ ଗ୍ରାମବାସୀ ରୋଗୀକୁ ଖଟିଆରେ ୩ କିଲୋମିଟର ବୋହି ଆଣିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ତେବେ ଡାକ୍ତରଖାନା ପହଞ୍ଚିବାରେ ବିଳମ୍ବ ହେବାରୁ ଫକୀରଙ୍କ ମୃତ୍ୟୁ ଘଟିଥିଲା । ନିର୍ବାହୀଯନ୍ତ୍ରୀଙ୍କ ଦାୟିତ୍ୱହୀନତା ପାଇଁ ନିର୍ବାହୀ ଯନ୍ତ୍ରୀ ଓ ଠିକାସଂସ୍ଥା ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ତତ୍‌ସହିତ ସରକାରଙ୍କ ଅବହେଳାରୁ ନୀରିହ ଜୀବନ ଚାଲି ଯାଇଥିବାରୁ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉ ବୋଲି ଚିଠିରେ ଦର୍ଶାଯାଇଛି ।

## ଠିକା ସଂସ୍ଥାକୁ ଆରଡି ବିଭାଗର ଅନୁକମ୍ପା

**ନୂଆଗାଁ ୨୬।୧୦ (ଡି.ଏନ.ଏ.)**

ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ କଳାପରେ ସାଧାରଣ ଲୋକେ ଅତିଷ୍ଠ ହୋଇ ପଡିଲେଣି । ସରକାରଙ୍କ ଅନୁଦାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କେଉଁଟି ନିମ୍ନମାନର କାମ ହେଲାଣି ତ ଆଉ କେଉଁଠି କାର୍ଯ୍ୟାଦେଶ ପାଇଲା ପରେ କାର୍ଯ୍ୟାରମ୍ଭ ହେଉନି । ପୁଣି ଆଉ କେଉଁଠି ଅଧାପନ୍ତରିଆ କାର୍ଯ୍ୟ କରିବା ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । କାମ ସରିବା ପରେ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବାର ସରକାରୀ ନିର୍ଦ୍ଦେଶ ରହିଥିଲେ ମଧ୍ୟ ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ହେଉ ନାହାନ୍ତି । ମୋଟାମୋଟି ଭାବେ ନୟାଗଡ ଜିଲା ନୂଆଗାଁ ବ୍ଲକରେ ଆର୍.ଡି ବିଭାଗ ଏକ ପ୍ରକାର ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି ।

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥଠାରୁ ଗୌଡଚାଟେଞ୍ଚାପଲି



ରାସ୍ତାକାମ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି।

ପର୍ଯ୍ୟନ୍ତ ୩.୫ କିଲୋମିଟର ରାସ୍ତା ନିର୍ମାଣ କରିବା ପାଇଁ ୩୭୪.୮୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରି ଟେଣ୍ଡର ଆହ୍ୱାନ କରାଯାଇଥିଲା । ଭୁବନେଶ୍ୱରର ପାଲ୍ ଆଣ୍ଡ ପାଲ୍ ଇନ୍‌ଫ୍ରାଷ୍ଟ୍ରକଚର୍ ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି । ଉକ୍ତ କାମ ୨୪।୮।୨୨ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଛି । କିନ୍ତୁ କାମ ଶେଷ ହେବା ତ ଦୂରର କଥା ଠିକାସଂସ୍ଥା ଅଳ୍ପ କିଛି କାମ କରି ଚୁପ୍ ବସିଛି । ଏପରିକି ଗୋଟିଏ ପୋଲ କାମ ଅଧପନ୍ତରିଆ ଭାବେ ରହିଥିବା ବେଳେ ତାହାର ଡାଇଭର୍ସନ ରୋଡ ମରାମତି କରିବା ପାଇଁ ନିଜର ଅକ୍ଷମତା ପ୍ରକାଶ କରିଛି । ଫଳରେ ସ୍କୁଲ ଯିବା ବନ୍ଦ

■ କାମ କରି ପାରୁ ନ ଥିବା ସଂସ୍ଥା ହାତରେ ୨ ପ୍ରକଳ୍ପ

■ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନତା

ହୋଇଯିବା ପରେ ଆନ୍ଦୋଳନକୁ ଓହ୍ଲାଇ ରାଜରାସ୍ତାରେ ବସିଥିଲେ ଶତାଧିକ ଛାତ୍ରୀଛାତ୍ର । ଶେଷରେ ଡାଇଭର୍ସନ ରୋଡ ମରାମତି ହୋଇ ନାହିଁ । ରାସ୍ତାରେ ତାଳଗଛ ପକାଇ ଯାତାୟତ କରୁଛନ୍ତି ଲୋକେ ।

ଗୋଟିଏ କାର୍ଯ୍ୟ ଶେଷ କରିପାରୁ ନ ଥିବା ଠିକାସଂସ୍ଥା ପାଲ୍ ଆଣ୍ଡ ପାଲ୍ ଇନଫ୍ରାଷ୍ଟ୍ରକଚର ହାତରେ ପୁଣି ଆଉ ଗୋଟିଏ କାମ ଦିଆଯାଇଛି । ୫୭ନଂ. ଜାତୀୟ ରାଜପଥ ମୁଦୁରାଙ୍ଗଠାରୁ କୋଶଳାଙ୍ଗ ପର୍ଯ୍ୟନ୍ତ ୫.୯୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୩୬୦.୨୩ ଲକ୍ଷ ବ୍ୟୟ ଅଟକଳ ସହ ସେହି କାମକୁ ୮।୪।୨୨ ତାରିଖରେ ଆରମ୍ଭ କରି ୮।୩।୨୩ ରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ କାମ ଆରମ୍ଭ କରିବାର ୬ ମାସ ବିତି ଯାଇଥିଲେ ମଧ୍ୟ ଠିକାଦାର ଅଳ୍ପ କିଛି କାମ କରି ଚୁପ୍ ବସିଛି । ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଁକୁ ଆସି ନ ପାରିବାରୁ କୋଶଳାଙ୍ଗ ଗ୍ରାମର ଜଣେ ବ୍ୟକ୍ତି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯିବାରେ ନାନା ଅସୁବିଧା ଭୋଗୁଛନ୍ତି । ତେବେ ଠିକାସଂସ୍ଥାର ଏଭଳି କାମ ବାବଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନୟାଗଡ଼ ଜିଲା ନିର୍ବାହୀ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସଙ୍କୁ ପଚାରିବାରେ କାମ ସେମାନେ ଟେଣ୍ଡର ମାଧ୍ୟମରେ ପାଉଛନ୍ତି । ଆମ ହାତରେ କିଛି ନାହିଁ । ଶୀଘ୍ର କାମ ଶେଷ କରିବା ପାଇଁ ଆମେ ତାକୁ ବାରମ୍ବାର ନୋଟିସ ଜାରି କରିଛୁ । ସେ ଠିକ୍ ସମୟରେ କାମ ଶେଷ ନ କଲେ ସଂପୃକ୍ତ ଠିକାସଂସ୍ଥାର ଲାଇସେନ୍ସ ଟର୍ମିନେଟ କରିବା ପାଇଁ ଆମେ ଚିଠି ଲେଖିବୁ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମାରପିଟ ଘଟଣାରେ ୨ ଗିରଫ

**ଧର୍ମଶାଳା,୨୬।୧୦(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମରେ ମଙ୍ଗଳବାର ଦୁଇଟି ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୨ଜଣ ଆହତ ହୋଇଛନ୍ତି। ଗ୍ରାମର କାମଦେବ ବାଇ ଓ ମଞ୍ଜୁଲତା ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୯୬/୨୨ ଓ ୨୯୭/୨୨ରେ ଦୁଇଟି ମାମଲା ରୁଜୁ କରିବା ସହ ଅକ୍ଷୟ ବେହେରା ଓ ବଳରାମ ବାଇଙ୍କୁ ଗିରଫ କରିଛି। ଗଣ୍ଡଗୋଳ ଘଟି ଦୁଇ ଜଣଙ୍କ ମୁଣ୍ଡ ଫାଟିଥିଲା। ଉଭୟ ପକ୍ଷର ଅଭିଯୋଗକ୍ରମେ ଅକ୍ଷୟ ଓ ବଳରାମଙ୍କୁ ଗିରଫ କରାଯାଇ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### କଂଗ୍ରେସ ନେତା ସୁଦାମ ଚରଣ ସାମଲଙ୍କ ଦଳବାହୁଡ଼ା

**ସିଂହପୁର,୨୬।୧୦(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ସୁଦାମ ଚରଣ ସାମଲ ପୁଣି କଂଗ୍ରେସକୁ ଫେରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଦଳୀୟ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଭାଜପାରେ ଯୋଗଦେଇଥିଲେ। ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ ପ୍ରସ୍ତୁତି ବୈଠକରେ ସେ ଦଳବାହୁଡ଼ା ହୋଇଛନ୍ତି। ଦଳପକ୍ଷରୁ ତାଙ୍କୁ ବିଧିବଦ୍ଧ ଭାବେ ସ୍ୱାଗତ କରାଯାଇଛି। କଂଗ୍ରେସ ନେତ୍ରୀ କନକଲତା ମଲିକ, ଗୋବିନ୍ଦ ଚନ୍ଦ୍ର ପରିଡ଼ା, ପ୍ରବୋଧ କୁମାର ଦାସଙ୍କ ଉପସ୍ଥିତିରେ ସେ ସାମିଲ ହୋଇଥିଲେ।

### ଡମ୍ଫର ଧକ୍କାରେ ଜଣେ ମୃତ, ଚାଳକ କୋର୍ଟ ଚାଲାଣ

**ଯାଜପୁର ସଦର,୨୬।୧୦ (ଡି.ଏନ.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ଜହଲ ଘାଟ ନିକଟରେ ଏକ ଡ଼ମ୍ଫର (ନଂ.ଓଆର୍-୧୪-ଏମ୍-୬୪୭୫) ଧକ୍କାରେ ବେରୁଦା ପଞ୍ଚାୟତ ଜଗତପୁର ଗ୍ରାମର ବିପିନ୍ ବିହାରୀ ନାୟକଙ୍କ ମୃତ୍ୟୁ ଘଟିଥିଲା । ସଦର ଥାନା ପୋଲିସ ଡ଼ମ୍ଫର ଜବତ କରିବା ସହ ଚାଳକ ବରୁହାଁ ଗ୍ରାମର ତ୍ରିନାଥ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଦିନ ପ୍ରାୟ ୧୧ଟା ସମୟରେ ବିପିନ୍ ବଜାରରୁ ସଉଦା କିଣି ନିଜ ଘରକୁ ଫେରୁଥିଲେ । ଏହି ସମୟରେ ଏହି ଡ଼ମ୍ଫର ସମ୍ମୁଖରୁ ଆସି ତାଙ୍କ ସାଇକେଲକୁ ଧକ୍କା ଦେବା ଫଳରେ ବିପିନ ରାସ୍ତା ଉପରେ ଛିଟିକି ପଡିଥିଲେ । ଏହାପରେ ଡ଼ମ୍ଫର ତାଙ୍କ ପେଟ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସଦର ଥାନା ପୋଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଦୁର୍ଘଟଣା ଘଟାଇଥିବା ଡ଼ମ୍ଫରକୁ ପୋଲିସ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୯୨/୨୨) ରୁଜୁ ହୋଇଛି ।






ବିଞ୍ଝାରପୁର ବ୍ଲକ ଅଞ୍ଚଳରେ କାଳୀପୂଜା: (ବାମରୁ) ଚିକଣା, ବ୍ଲକ ଛକ, ମଈନ୍ଦା, ଶାସନ୍ଦା।

# ଫସଲ ବୀମା ସହାୟତାରୁ ବଞ୍ଚିତ ଚାଷୀ

- ଜିଲାପାଳଙ୍କୁ ଅଭିଯୋଗ
- ନ୍ୟାୟ ନ ମିଳିଲେ କୋର୍ଟଙ୍କ ଦ୍ୱାରସ୍ଥ ହେବେ

**ବିଞ୍ଝାରପୁର,୨୬।୧୦(ଡି.ଏନ.ଏ.)**

ଲଗାଣ ବର୍ଷା ହେଉକି ବନ୍ୟା, ପ୍ରତିବର୍ଷ ଚାଷ ଧୋଇଯାଉଛି। ଫଳରେ ଧାରକରଜ କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିବା ଚାଷୀ ହତାଶ ହେଉଛନ୍ତି। ମାତ୍ର ଫସଲ ବୀମା କରିଥିବା ଚାଷୀଙ୍କୁ ବୀମା ଟଙ୍କା ମିଳୁନାହିଁ। ବିଞ୍ଝାରପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଚାଷୀ କହୁଥିଲେ ମଧ୍ୟ ତାଙ୍କ ଗୁହାରି କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଫସଲ ହାନି ପାଇଁ ପ୍ରଶାସନ ସହାୟତା ପ୍ରଦାନ କରିଛି। ଲଗାଣ ବର୍ଷାରେ କ୍ଷତି ହୋଇଥିବା ରାସ୍ତା ପାଇଁ ସରକାରଙ୍କ ପକ୍ଷରୁ ଏଫ୍‌ଡିଆର୍ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ପଞ୍ଚାୟତର ରାସ୍ତା ନିର୍ମାଣ ହୋଇଛି। ହେଲେ ବୀମା କମ୍ପାନୀ ଚାଷୀଙ୍କୁ ଅର୍ଥ ନ ଦେବା ପାଇଁ ମିଥ୍ୟା ରିପୋର୍ଟ ପ୍ରଦାନ କରି ଚାଷୀଙ୍କୁ ଫାଙ୍କୁଛି, ଯଦ୍ଦ୍ୱାରା ଚାଷୀଙ୍କ ଲକ୍ଷଲକ୍ଷ ବୀମା ଟଙ୍କା ଦୁର୍ନୀତି ହୋଇଛି। ଏ ନେଇ ବିଞ୍ଝାରପୁର ବ୍ଲକ କପିଳା ପଞ୍ଚାୟତର ଚାଷୀମାନେ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ଗୁହାରି ପ୍ରଶାସନ ଶୁଣୁ ନ ଥିବା ସେମାନେ କହିଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିଥିବା ଚାଷୀମାନେ।

ପ୍ରକାଶ ଯେ ଏକ କମ୍ପାନୀ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଯାଇଥିଲା। ୨୦୨୧ ଜୁଲାଇ ୩୦ ସୁଦ୍ଧା କମ୍ପାନୀର ବୀମା ଆବେଦନ ଫର୍ମ ଗ୍ରହଣ କରାଯାଇଥିଲା। ଜମିର ପରିମାଣ ଅନୁଯାୟୀ ଚାଷୀମାନେ ବୀମା ଅର୍ଥ ଜମା କରିଥିଲେ। ସେହିପରି ସରକାର ମଧ୍ୟ ଅଂଶଧନ ଜମାକରି ଚାଷୀଙ୍କ ପଞ୍ଜୀକୃତ ମୋବାଇଲକୁ ସୂଚନା ଦେଇଥିଲେ। ୨୦୨୧ ସେପ୍ଟେମ୍ବରରେ ଲଗାଣ ବର୍ଷା ଯୋଗୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ତହସିଲ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ଜିଲାପାଳଙ୍କୁ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତତ୍କାଳ ସରକାରୀ ସହାୟତା ଯୋଗାଇ ଦିଆଯାଇଥିଲା। ମାତ୍ର ବୀମା କମ୍ପାନୀ ପକ୍ଷରୁ ୨୦୨୧ ଡିସେମ୍ବରରେ ଯେଉଁ ରିପୋର୍ଟ ପ୍ରଦାନ କରାଯାଇଥିଲା ତାହା ସମସ୍ତଙ୍କୁ ଚକିତ କରିଛି। ଚାଷୀଙ୍କ ଫସଲରେ କୌଣସି କ୍ଷତି ହୋଇନାହିଁ ବରଂ ଚାଷୀ ଧାନ ଫସଲ ଉତ୍ପାଦନ କରିଛି ବୋଲି ବୀମା କମ୍ପାନୀ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ବୀମା କମ୍ପାନୀର ଏଭଳି ମିଥ୍ୟା ରିପୋର୍ଟ ଯୋଗୁ ଚାଷୀ ବୀମା ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ଚାଷୀଙ୍କୁ ସରକାରୀ ଭାବେ କ୍ଷୟକ୍ଷତି ବାବଦକୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ପଞ୍ଚାୟତରେ ନଷ୍ଟ ହୋଇଥିବା ରାସ୍ତା ନିର୍ମାଣ ପାଇଁ ଏଫଡିଆର ଯୋଜନାରେ କୋଟିକୋଟି ଟଙ୍କାର ରାସ୍ତା କାମ ହୋଇଛି। ହେଲେ ଫସଲ ଉତ୍ପାଦନ ଭଲ ହୋଇଛି ବୋଲି ବୀମା କମ୍ପାନୀ କିଭଳି ରିପୋର୍ଟ ଦେଲା ତାହା ତଦନ୍ତ ସାପେକ୍ଷ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ଦିଆ ନ ଗଲେ ସେମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି କପିଳା ପଞ୍ଚାୟତର ଚାଷୀ ହିମାଂଶୁ ଶେଖର ସାମଲ, ଚନ୍ଦ୍ରଶେଖର ସାମଲ, ଜନ୍ମେଜୟ ମିଶ୍ର, ମନୋଜ ସାମଲ, ଶ୍ରୀଧର ଦାଶ, ନାରାୟଣ ସାମଲ ଓ ନିମାଇଁ ଚରଣ ସାମଲ ଚେତାବନୀ ଦେଇଛନ୍ତି। ସେହିପରି କଲ୍ୟାଣପୁର ପଞ୍ଚାୟତର ଚାଷୀ ବାସୁଦେବ ସାମଲ, ସନାତନ ମଲିକ, ରମାକାନ୍ତ ନାୟକ ଓ ରାମଚନ୍ଦ୍ର ନାୟକଙ୍କ ସମେତ ବହୁ ଚାଷୀ ତଦନ୍ତ ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଗୋପାଳପୁର ଛକରେ କାଳୀପୂଜା

**ରସୁଲପୁର,୨୬।୧୦(ଡି.ଏନ.ଏ.)**



ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗୋପାଳପୁର ଛକଠାରେ ମା’ କାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ବର୍ଷ ଦୀପାବଳି ଓ କାଳୀପୂଜା ତିଥିରେ ଏଠାରେ ୫ଦିବସୀୟ ପୂଜା ଅନୁଷ୍ଠିତ ହେବାର ବିଧି ରହିଛି। ମା’ଙ୍କ ନିକଟରେ ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ, ବେଦପାଠ, ଗାୟତ୍ରୀ ଯଜ୍ଞ, ସୂର୍ଯ୍ୟପୂଜା, ଗୋ-ପୂଜା, ଘୃତ ଯଜ୍ଞ ଆଦି ଅନୁଷ୍ଠିତ ହେଉଛି। ସକାଳ ଓ ସନ୍ଧ୍ୟାରେ ମା’ଙ୍କ ପୀଠରେ ଆଳତି ଉତ୍ସବ ଅନୁଷ୍ଠିତ ହେଉଛି। ଏହି ସମୟରେ ଭକ୍ତଙ୍କ ବିଶେଷ ଭିଡ ଜମୁଛି। ପଣ୍ଡିତ ଆଲୋକ ପଣ୍ଡା ଓ ସାଥୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଉଛି। ଏହି ଅବସରରେ ସାଂସ୍କୃତିକ ମଣ୍ଡପରେ ପାଲା, ଦାସକାଠିଆ, ପ୍ରବଚନ, ଲୋକନୃତ୍ୟ, ମେଲୋଡି ଓ ଯାତ୍ରା ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମକୁ ମା’କାଳୀ ପୂଜା କମିଟି କାର୍ଯ୍ୟକର୍ତ୍ତା ପରିଚାଳନା କରୁଛନ୍ତି। ଗୋପାଳପୁର ବଜାରର ବ୍ୟବସାୟୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରୁଛନ୍ତି।

# ନୃତ୍ୟ, ଗୀତ ମାଧ୍ୟମରେ ଅଭିନବ ପ୍ରତିବାଦ

**କାଳିଆପାଣି,୨୬।୧୦(ଡି.ଏନ.ଏ.)**

ସୁକିନ୍ଦା କ୍ରୋମାଇଟ୍ ଖଣି ଉପତ୍ୟକାର ଇମ୍ପା ଶ୍ରମିକ ଓ କର୍ମଚାରୀଙ୍କ ଧାରଣା ୩ୟ ଦିନରେ ପହଞ୍ଚିଥିବାବେଳେ ସେମାନେ ଅଭିନବ ଉପାୟରେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ବୋନସ ନ ପାଇ ଶ୍ରମିକମାନେ ୧୨ ତାରିଖରୁ ଅସହଯୋଗ ଆନ୍ଦୋଳନ କରିଥିଲେ। ଫଳରେ ୨୦ ତାରିଖ ସୁଦ୍ଧା ବୋନସ ପ୍ରଦାନ କରିବାକୁ ଜିଲା ପ୍ରଶାସନ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲା। ହେଲେ କମ୍ପାନୀ ପ୍ରତିଶ୍ରୁତି ଖିଲାପ କରିବାରୁ ସୋମବାରଠାରୁ ଶ୍ରମିକ ଓ କର୍ମଚାରୀ ଖଣି ଗେଟ୍ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ୯ ଦଫା ଦାବି ନେଇ ଶ୍ରମିକମାନେ ଧାରଣାରେ



ଶ୍ରମିକମାନେ ନୃତ୍ୟ, ଗୀତ ମାଧ୍ୟମରେ ପ୍ରତିବାଦ କରୁଛନ୍ତି।

**ଇମ୍ପା ଖଣିରେ ଶ୍ରମିକଙ୍କ ଧାରଣା ୩ୟ ଦିନରେ**

ବସିଥିବା ବେଳେ କମ୍ପାନୀ ପକ୍ଷରୁ ବୋନସ ବାବଦକୁ ୮.୩୩% ପ୍ରତିଶତ ପ୍ରଦାନ କରି ଅନ୍ୟ ଦାବିଗୁଡ଼ିକୁ ଅଣଦେଖା କରାଯାଇଛି। ବୁଧବାର ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ନେତୃତ୍ୱରେ ଶ୍ରମିକମାନେ ଧାରଣାସ୍ଥଳରେ ନୃତ୍ୟଗୀତ ମାଧ୍ୟମରେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ସଂଘ ସହ ସମ୍ପାଦକ ଭରତ ମହାନ୍ତ, ସହ ଶାଖା ସମ୍ପାଦକମାନେ ସାମିଲ ହୋଇଥିଲେ। ଏନେଇ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି, ଆମ ଶ୍ରମିକଙ୍କ ପାଇଁ କ’ଣ ଠିକ୍ ହୋଇପାରିବ ସେନେଇ ଆଲୋଚନା ଜାରି ରଖିଛୁ।

# ୬୬ ବର୍ଷରେ କାଳୀପୂଜା, ସିଂହପୁର ଉତ୍ସବ ମୁଖର



**ସିଂହପୁର,୨୬।୧୦(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକର ପ୍ରମୁଖ ବ୍ୟବସାୟ କେନ୍ଦ୍ର ସିଂହପୁରଠାରେ ୬୬ତମ କାଳୀପୂଜା ଧୁମଧାମରେ ପାଳନ କରାଯାଉଛି। ମା’ଙ୍କପୂଜା ପାଇଁ ସିଂହପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ସିଂହପୁର ବଜାର ବ୍ୟବସାୟୀ ତଥା ସ୍ଥାନୀୟ ଲୋକେ ପୂଜାକୁ ସରସ ସୁନ୍ଦରଭାବେ ପାଳନ କରିବା ସହ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବାକୁ ଉଦ୍ୟମ କରିଛନ୍ତି। ଏଠାରେ ୧୯୫୬ରୁ ପୂଜା ଆରମ୍ଭ ହୋଇଛି। ସିଂହପୁର ବଜାରର ପୁରାତନ, ବୟୋଜ୍ୟେଷ୍ଠ ବ୍ୟବସାୟୀ ତଥା ବୁଦ୍ଧିଜୀବୀ ମା’ଙ୍କ ପୂଜା ଆରମ୍ଭ କରିଥିଲେ। ଏବେ ଏହା ମହୋତ୍ସବରେ ପରିଣତ ହୋଇଛି। ୧୨ଦିନ ଧରି ପୂଜା ପାଳନ କରାଯିବ। ବିଭିନ୍ନ ଅସ୍ଥାୟୀ ଦୋକାନ ପୂଜାକୁ ଅଧିକ ଆକର୍ଷିତ କରୁଛି।

# ସମର୍ଥନ କମ୍, ବିରୋଧ ଅଧିକ

**ଧର୍ମଶାଳା/ଜେନାପୁର, ୨୬।୧୦(ଡି.ଏନ.ଏ.)**

**ମର୍ଜିତାପୁର ବାଲିଘାଟ ପାଇଁ ଜନଶୁଣାଣି**

ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ମର୍ଜିତାପୁର ବାଲିଘାଟ ନିଲାମ ପାଇଁ ବୁଧବାର ମର୍ଜିତାପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ଏକ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ ଅଧ୍ୟକ୍ଷତା କରିଥିଲେ। ଶିବିର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ୧.ଟା୩୦ରେ ଶେଷ ହୋଇଥିଲା। ଶିବିରରେ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଦାସ ଓ ଅନେକ ମହିଳା ଯୋଗଦେଇ ବାଲିଘାଟ ନିଲାମକୁ ବିରୋଧ କରିଥିଲେ। ଅଳ୍ପ ସଂଖ୍ୟକ ଜନସାଧାରଣ ସମର୍ଥନ ଜଣାଇଥିଲେ।

ସ୍ଥାନୀୟ ଅଞ୍ଚଳର ଜୟନ୍ତ ଜେନା ବ୍ରାହ୍ମଣୀ ନଦୀର ସାଢ଼େ ୫ ହେକ୍ଟର ଅଞ୍ଚଳରୁ ବାଲି ଉତ୍ତୋଳନ ପାଇଁ ଜିଲା ପ୍ରଶାସନ ଓ ତହସିଲ ନିକଟରେ ଆବେଦନ କରିଥିଲେ। ଏନେଇ ପ୍ରଶାସନ ପକ୍ଷରୁ ଜନଶୁଣାଣି କରାଯାଇଥିଲା। ଶିବିରରେ ଆଖପାଖ ଅଞ୍ଚଳର ୪୦୦ରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ।

ଅଧିକାଂଶ ମହିଳା ବାଲିଘାଟକୁ ବିରୋଧ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ୧୧ ନଂ. ଜୋନର ଧର୍ମଶାଳା-କବାଟବନ୍ଧ ରାସ୍ତା ଏକ ମାତ୍ର ରାସ୍ତା। ବାଲିଘାଟ ନିଲାମ ଦିଆଗଲେ ଏହି ରାସ୍ତାଦେଇ ୫୩ନଂ. ଜାତୀୟ ରାଜପଥ ଦେଇ ଚଣ୍ଡିଖୋଲ ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବାଲି ପରିବହନ ହେବ। ଫଳରେ ଏହି ରାସ୍ତାରେ ବାଲିପଡି ସାଇକେଲ ଆରୋହୀ ଓ ବାଇକ୍ ଆରୋହୀ ବିଶେଷ ଭାବେ ଦୁର୍ଘଟଣାଗ୍ରସ୍ତ ହେବେ, ଯାହା ପୂର୍ବରୁ ଦେଖାଦେଇଛି। ତେଣୁ ଆମର ଜୀବନ ଦରକାର। ବାଲି ନୁହେଁ ବୋଲି ଅଭିଯୋଗକାରୀ ଦର୍ଶାଇଥିଲେ। ଏଥିରେ ଧର୍ମଶାଳା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ସ୍ଥାନୀୟ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳାକୁ ନଜରରେ ରଖି ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।



ଶିବିରରେ ସ୍ଥାନୀୟ ଲୋକଙ୍କ ବିରୋଧ ପ୍ରଦର୍ଶନ।

# ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

**ରସୁଲପୁର,୨୬।୧୦(ଡି.ଏନ.ଏ.)**

ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କ ସୁସ୍ଥ, ସୁରକ୍ଷିତ ଓ ଶିକ୍ଷିତ ଜୀବନ ଦେଶର ବିକାଶ ପାଇଁ ଅପରିହାର୍ଯ୍ୟ। ଏ ଦିଗରେ ପ୍ରତ୍ୟେକ ପରିବାରରୁ ପ୍ରୟାସ କରାଯିବା ଦରକାର। ଶିଶୁଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ଦିଗରେ ପଞ୍ଚାୟତର ଜନପ୍ରତିନିଧି, ସରକାରୀ କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଗେଇ ଆସିବା ଉଚିତ ବୋଲି ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଯାଜପୁର ଜିଲା ପ୍ରଶାସନ, ୟୁନିସେଫ୍ ଓ ଆକ୍ସନଏଡର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ମତ ପ୍ରକାଶ ପାଇଛି।

ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସଂଯୋଜକ ସୁରେନ୍ଦ୍ର କୁମାର ଡିଗାଲ ସଂଯୋଜନା କରିଥିଲେ। ଅତିଥି ଭାବେ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସତ୍ୟଭାମା ସାହୁ, ବ୍ଲକ ସାମାଜିକ ସହାୟତା



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଅଧିକାରୀ ମିନତି ରାଉତ, ବ୍ଲକ ସହକାରୀ ଶିକ୍ଷାଧିକାରୀ ଅରୁଣ ସେଠୀ, ସାମାଜିକ କର୍ମୀ ମଣ୍ଟୁ ଦାସ, ଖବରଦାତା ପ୍ରକାଶ ଚନ୍ଦ୍ର ସାହୁ, ବ୍ଲକସ୍ତରୀୟ ଫେଡେରେଶନର ସଭାନେତ୍ରୀ ମୀରା ମହାନ୍ତି, ଅଙ୍ଗନୱାଡି ସୁପରଭାଇଜର ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା, ବାଲ୍ୟବିବାହ, ଭିକ୍ଷାବୃତ୍ତି ଉଚ୍ଛେଦ, ପ୍ରତ୍ୟେକ ଶିଶୁକୁ ଶିକ୍ଷାଭଳି ମୌଳିକ ଅଧିକାର ଉପଲବ୍ଧ କରାଇବା, ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଓ ସୁସ୍ଥ ଜୀବନ ପାଇଁ ଟିକାକରଣ କରିବା, ଶିଶୁ ଶ୍ରମିକ ଉଚ୍ଛେଦ, ଶିଶୁମାନଙ୍କୁ କଠୋର କାର୍ଯ୍ୟରେ ନିୟୋଜିତ ନ କରିବା ଏବଂ ସୁରକ୍ଷିତ ମାତୃତ୍ୱ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇ ସେମାନଙ୍କ ପଞ୍ଚାୟତରେ ଶିଶୁଙ୍କୁ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କମିଟିକୁ କାର୍ଯ୍ୟକାରୀ କରିବା, ପଞ୍ଚାୟତସ୍ତରୀୟ ଟାସ୍କଫୋର୍ସ ଗଠନ, ଅସୁରକ୍ଷିତ ଓ ଅବହେଳିତ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ସରକାରୀ ବ୍ୟବସ୍ଥାକୁ ଉପଲବ୍ଧ କରାଇବା, ଅଙ୍ଗନୱାଡି କେନ୍ଦ୍ର ଜରିଆରେ ପ୍ରତ୍ୟେକ ଶନିବାର ବାଳିକାଙ୍କ ସମୃଦ୍ଧି ପାଇଁ ଅଦ୍ୱିକା କାର୍ଯ୍ୟକ୍ରମ କଡ଼ାକଡ଼ି କରିବା, ପ୍ରତ୍ୟେକ ତୃତୀୟ ମାସର ତୃତୀୟ ଶନିବାରକୁ ଶିଶୁମାନଙ୍କ ପାଇଁ ଦିନଟିଏ ଦିବସ ଭାବରେ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ଘଟଣା, ଯୁବକ କୋର୍ଟ ଚାଲାଣ

ଗଣିଆ,୨୬।୧୦(ଡି.ଏନ.ଏ.)-ଗଣିଆ ଥାନା ଅଧୀନ ଛାମୁଣ୍ଡିଆ ଅଞ୍ଚଳର ଜଣେ ୮ ବର୍ଷର ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଗଣିଆ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ଛାମୁଣ୍ଡିଆ ଗ୍ରାମର ରବିନ୍ଦ୍ର ବେହେରା (୫୫) । ସୋମବାର ପୋଲିସ ରବିନ୍ଦ୍ରଙ୍କୁ ଗିରଫ କରି ଡାକ୍ତରୀ ମାଇନା କରିବା ପରେ ଏକ ମାମଲା(ନଂ.୮୪/୨୦୨୨) ରୁଜୁ କରିଥିଲା । ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ପୀଡ଼ିତା ଘର ଆଗ ରାସ୍ତାରେ ଖେଳୁଥିବା ସମୟରେ ରବିନ୍ଦ୍ର ତାଙ୍କୁ ଡାକି ନେଇ ବଳାତ୍କାର କରିଥିଲେ ।

### ହତ୍ୟାକାରୀ ସ୍ୱାମୀ କୋର୍ଟ ଚାଲାଣ

ପାରଳାଖେମୁଣ୍ଡି,୨୬।୧୦(ଡି.ଏନ୍.ଏ.)-ଗଜପତି ଜିଲା ଗୁମ୍ମା ବ୍ଲକ ସେରଙ୍ଗ ଥାନା ଅନ୍ତର୍ଗତ ବାଇଝଲ ପଞ୍ଚାୟତ କୁଡିଙ୍ଗଡ଼ା ଗ୍ରାମରେ ଗତ ରାବିବାର ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଇଲାନ ଦଳବେହେରା (୪୮)ଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଇଲାନଙ୍କୁ ଧରିବା ପାଇଁ ସେରଙ୍ଗ ଥାନା ଅଧିକାରୀ ଏକ ଟିମ୍ ଗଠନ କରିଥିଲେ। ସେ ଜଙ୍ଗଲରେ ଥିବା ଖବର ପାଇ ସେଠାରେ ଚଢ଼ାଉ କରି ପାଖ ଜଙ୍ଗଲରୁ ଇଲାନଙ୍କୁ ଗିରିଫ କରାଯାଇ ନଂ.୮୫/୨୨ରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କାରାଯାଇଥିବା ସେରଙ୍ଗ ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେଇଛନ୍ତି।

### ବିଲୁଆ କାମୁଡ଼ାରେ ୨ ମହିଳା ଆହତ

ଆହତ ମହିଳାଙ୍କ କାତି ଚୋଟରେ ବିଲୁଆ ମୃତ

ପାତ୍ରପୁର,୨୬।୧୦(ଡି.ଏନ.ଏ.)- ପାତ୍ରପୁର ବ୍ଲକ ଜରଡା ଗ୍ରାମରେ ବୁଧବାର ବିଲୁଆ କାମୁଡ଼ାରେ ୨ ମହିଳା ଆହତ ହୋଇଥିବା ବେଳେ ଆହତ ମହିଳାଙ୍କ କାତି ଚୋଟରେ ବୁଲୁଆର ମୃତ୍ୟୁ ଘଟିଛି। ସୁମତି ବେହେରା ଏବଂ ଦମୟନ୍ତୀ ବେହେରା ଘର ନିକଟ ଜମିକୁ ଯାଇଥିବା ବେଳେ ଏକ ପାଗଳ ବିଲୁଆ ସେମାନଙ୍କୁ କାମୁଡ଼ି ଦେଇଥିଲା। ଉଭୟଙ୍କୁ ଜରଡ଼ା ପରେ ପାତ୍ରପୁର ଚିକିତ୍ସାପାଇଁ ନିଆଯାଇଛି। ତେବେ ବିଲୁଆ ଆକ୍ରମଣରୁ ବର୍ତ୍ତିବା ପାଇଁ ଦମୟନ୍ତୀଙ୍କ କାତି ଚୋଟରେ ଘଟଣାସ୍ଥଳରେ ବିଲୁଆର ମୃତ୍ୟୁ ଘଟିଥିଲା।

### ପୁନଃଉପଯୋଗୀ ବର୍ଷାଜଳ ପ୍ରକଳ୍ପ ଅନୁଧ୍ୟାନ

ଆର.ଉଦୟଗିରି,୨୬।୧୦(ଡି.ଏନ.ଏ.)-ଆର.ଉଦୟଗିରି ପଞ୍ଚାୟତର ବୁଦ୍ଧିଶୀଳ ଓ ରୁମୁଣ୍ଡା ଗ୍ରାମରେ ଚାଲିଥିବା ଟ୍ରେଞ୍ଚ୍ ଖୋଳା କାମକୁ ସ୍ଥାନୀୟ ବିଡିଓ ଲରିମନ ଖର୍ସେଲ ପରିଦର୍ଶନ କରିଥିଲେ। ପାହାଡରୁ ଖସିଆସୁଥିବା ବର୍ଷାଜଳକୁ ସଂରକ୍ଷିତ କରି ରଖିବା ଏବଂ ଏହାକୁ ପୁନଃଉପଯୋଗୀ କରିବା ଲକ୍ଷ୍ୟରେ ଏହି ଦୁଇ ଗ୍ରାମରେ ୨ ଲକ୍ଷ ଟଙ୍କା ବ୍ୟୟରେ ଟ୍ରେଞ୍ଚ ଖୋଳା କାମ ଚାଲିଥିବା ବେଳେ କାର୍ଯ୍ୟର ମାନ ଓ ସ୍ଥାୟୀତ୍ୱ ନିରୀକ୍ଷଣ କରିଛନ୍ତି। ଏହି ଦୁଇଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଆଗାମୀ ଦିନରେ ପାନୀୟଜଳ ଅଭାବକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ସ୍ଥାନୀୟ ମିନି ଷ୍ଟାଡିୟମ ପରିଦର୍ଶନ କରି ପାହାଡରୁ ଖସିଥିବା ମାଟି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବାହାର କରି ପିଲାଙ୍କ ଖେଳ ଉପଯୋଗୀ କରିବା ପାଇଁ ଗ୍ରାମ ରୋଜଗାର ସେବକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିନା ଜନଶୁଣାଣିରେ ସ୍ମାର୍ଟକେମ୍ କମ୍ପାନୀକୁ ବିରୋଧ

ଛତ୍ରପୁର,୨୬।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ତହସିଲ ଅଧୀନ କାଳିପଲ୍ଲୀ ଅଞ୍ଚଳରେ ସ୍ମାର୍ଟକେମ୍ ଟେକ୍ନୋଲୋଜି କମ୍ପାନୀ ସ୍ଥାପନକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି। ଫଳରେ କମ୍ପାନୀ ସ୍ଥାପନ କାର୍ଯ୍ୟ ବନ୍ଦ ରହିଛି। ବିନା ଜନଶୁଣାଣିରେ ଆମୋନିଆ ନାଇଟ୍ରେଟ୍ ଉତ୍ପାଦନ ପାଇଁ ଉକ୍ତ କମ୍ପାନୀକୁ କିଭଳି ପରିବେଶ ପ୍ରମାଣପତ୍ର ମିଳିଛି ସେ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ପ୍ରଶ୍ନ ଉଠାଯିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜନବସତିଠାରୁ ୨୦୦ ମିଟର ମଧ୍ୟରେ ଏହି କମ୍ପାନୀ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଭୁଲ୍ ତଥ୍ୟ ଦେଇ ପରିବେଶ ପ୍ରମାଣପତ୍ର ଦିଆଯାଇଥିବା ଅଭିଯୋଗ ହୋଇଛି । ଏପରି କି ଏଥିପାଇଁ ଭୁଲ୍ ତଥ୍ୟ ଦେଇ ମ୍ୟାପ୍ ତିଆରି କରି ଏହାକୁ ପ୍ରଶାସନ ବ୍ୟବସ୍ଥା କରିଥିଲା । ତୁରନ୍ତ କମ୍ପାନୀଠାରୁ ଆପତ୍ତି ପ୍ରମାଣପତ୍ର ପ୍ରତ୍ୟାହାର କରିବାକୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ପରିଷଦ ପକ୍ଷରୁ ଦାବି ହୋଇଛି । ନ ହେଲେ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରାଯିବ ବୋଲି ସୂଚନା ଦିଆଯାଇଛି । ଅପରପକ୍ଷରେ ଗୁରୁବାର ଛତ୍ରପୁର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ବସିବ ବୋଲି ଜଣାପଡିଛି।

■ ହାଇକୋର୍ଟଙ୍କ ଦ୍ୱାରସ୍ଥ ନିଷ୍ପତ୍ତି
■ ଆଲେଚାନା ବୈଠକ ଆଜି

ସୂଚନାଯୋଗ୍ୟ, ୧୯୯୫ ରେ ଏଠାରେ ଏକ ଟାଟା ଷ୍ଟିଲ୍ କାରଖାନା ଲାଗି ୫୬୦୦ ଏକର ଜମି ଅଧିଗ୍ରହଣ ହୋଇଥିଲା। ପରେ ଏହି କାରଖାନା ସ୍ଥାପନ ହୋଇ ନ ଥିଲା । ୨୦୧୧ରେ ଏଠାରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ପୁଣି ଟାଟା କମ୍ପାନୀକୁ ସରକାର ଅନୁକମ୍ପା ଦେଖାଇଥିଲେ । ୨୦୨୧ରେ ଟାଟା କମ୍ପାନୀ ଉକ୍ତ ପାର୍କ ଅଞ୍ଚଳରେ ସ୍ମାର୍ଟକେମ୍ ଟେକ୍ନୋଲୋଜି କମ୍ପାନୀ ସ୍ଥାପନ କରି ଆମୋନିଆ ନାଇଟ୍ରେଟ୍ ଉତ୍ପାଦନ ପାଇଁ ନିଷ୍ପତ୍ତି ନେଇଥିଲା। ଖବରଦାତା ସମ୍ମିଳନୀରେ ପରିଷଦ ଜିଲା ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଛତ୍ରପୁର ବ୍ଲକ ସଭାପତି ଗୁରୁଦେବ ବେହେରାଙ୍କ ସମେତ ୨୦ ଖଣ୍ଡ ଗାଁ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଗଣିଆ,୨୬।୧୦(ଡି.ଏନ.ଏ.)

ଗଣିଆ ବ୍ଲକ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାପୀଠ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଗଣିଆ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟାକ୍ରମରେ ଗଣିଆ ବ୍ଲକ ଅଧକ୍ଷ୍ୟା ଝୁନା ଜେନା ମୁଖ୍ୟଅତିଥି, ମୁଖ୍ୟବକ୍ତା ଗଣିଆ ଜିଲାପରିଷଦ ସଭ୍ୟ ନରେଶ ବେହେରା ଓ ସମ୍ମାନୀତ ଅତିଥି ଭାବେ ଗଣିଆ ପଞ୍ଚାୟତ ସରପଞ୍ଚ ଗିରିଧାରୀ ସେଠୀ ଓ ସମିତିସଭ୍ୟ ଫକୀର ମୋହନ ଡାକୁଆ ପ୍ରମୁଖ ଯୋଗଦେଇଥିଲେ । ସୁରଭି ମହୋତ୍ସବରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ୨ ଭାଗରେ ବିଭକ୍ତ କରାଯାଇଥିଲା । ବରିଷ୍ଠ ବିଭାଗରେ ବକ୍ତୃତା , ପ୍ରବନ୍ଧ , ଚିତ୍ରାଙ୍କନ , ତର୍କ , କୁଇଜ , ଗୀତ, ସୃଜନଶିଳତା, ଲିଖନ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିବା ବେଳେ କନିଷ୍ଠ ବିଭାଗରେ କୁଇଜ , ହସ୍ତାକ୍ଷର ଲିଖନ , ଗୀତ , ବକ୍ତୃତା ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ବରିଷ୍ଠ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ନେଇ ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ମଧ୍ୟାହ୍ନଭୋଜନ କର୍ଯ୍ୟାକ୍ରମକୁ ନେଇ ଚିତ୍ରକଳା ଓ ହସ୍ତଶିଳ୍ପକୁ ନେଇ ପ୍ରତିଯୋଗିତା କରାଯାଇଥିଲା । ତେବେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୫୪ ଜଣ କୃତି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତି ବିଭାଗରେ ଭାଗନେଇଥିବା ୩୭ ଜଣ କୃତି ପ୍ରତିଭାଙ୍କୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିକୁ ଚୟନ କରାଯାଇଥିଲା ।

**ଜିଲାସ୍ତରକୁ ମନୋନୀତ ହେଲେ ୩୭ କୃତି ପ୍ରତିଭା**

# ସ୍କୁଲରେ ପଢ଼ିବା ବେଳେ ୨ ଛାତ୍ରୀ ଅସୁସ୍ଥ

## ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରକୁ ଅଙ୍ଗୁଳି ଦେଖାଇଲେ ପରିବାର

ପୋଲସରା,୨୬।୧୦(ଡି.ଏନ.ଏ.)

ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ପଞ୍ଚାୟତରେ ଦୁଷ୍ମନ୍ତ ସ୍ମାରକୀ ଉଚ୍ଚ ବାଳିକା ବିଦ୍ୟାଳୟର ଦୁଇ ଛାତ୍ରୀ ବୁଧବାର ସ୍କୁଲରେ ପଢୁଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଏ ନେଇ ଉକ୍ତ ସ୍କୁଲର ଶିକ୍ଷକ ଛାତ୍ରୀଙ୍କୁ ତାଙ୍କ ଘରେ ଛାଡ଼ି ପୁନଃ ସ୍କୁଲକୁ ଚାଲି ଆସିଲେ। ଉଭୟ ଛାତ୍ରୀ ଘରେ ପହଞ୍ଚିଲା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଫଳରେ ପରିବାର ଲୋକେ ଉଭୟ ଛାତ୍ରୀଙ୍କୁ ପୋଲସରା ମେଡିକାଲକୁ ନେଇଥିଲେ। ଉପସ୍ଥିତ ଡାକ୍ତର ଉଭୟ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ସହିତ ଚିକିତ୍ସା କରିଥିଲେ। ଏପଟେ ପରିବାର ସଦସ୍ୟ ସ୍କୁଲର ଏଭଳି ଘଟଣାକୁ ନେଇ ବିରକ୍ତି ପ୍ରକାଶ କରିବା ସହିତ ଛାତ୍ରୀମାନଙ୍କ ସହିତ ଏମିତି କାହିଁକି ହେଉଛି ବୋଲି ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରକୁ ଅଙ୍ଗୁଳି ଦେଖାଇଛନ୍ତି। ଉକ୍ତ


ଚିକିତ୍ସିତ ହେଉଛନ୍ତି ଦୁଇ ଛାତ୍ରୀ।

ପରିବାରର ଅଭିଯୋଗ ପ୍ରକାରେ ଗତ ଏକ ସପ୍ତାହ ତଳେ ୫ ଜଣ ଛାତ୍ରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ପୁଣି ଦୁଇ ଝିଅ ମଧ୍ୟ ସେହି ସମସ୍ୟା ଭିତରେ ପଡ଼ି ଏଭଳି ଅସୁସ୍ଥତା ଅନୁଭବ କରୁଛନ୍ତି। ଏନେଇ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପରିବାର ପକ୍ଷରୁ ଦାବି ହୋଇଛି।

# ଜିଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବୁଧବାର ଦିଗପହଣ୍ଡି ଗସ୍ତରେ ଆସି ସ୍ଥାନୀୟ ଏନ୍‌ଏସି ପକ୍ଷରୁ ନବନିର୍ମିତ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଗଞ୍ଜାମ ଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମେ ନୂତନ ବସ୍‌ଷ୍ଟାଣ୍ଡକୁ ସନ୍ଥ ଅରକ୍ଷିତ ଦାସଙ୍କ ନାମରେ ନାମିତ ହୋଇଥିବା ମୁଖ୍ୟ ଫାଟକକୁ ଉଦ୍‌ଘାଟନ କରିଥିଲେ। ବସ୍‌ଷ୍ଟାଣ୍ଡ ପରିସରରେ ନବ ନିର୍ମିତ ନୂତନ ପୋଲିସ ବିଟ୍ ହାଉସ, ବସ୍‌ଷ୍ଟାଣ୍ଡ ସମ୍ମୁଖରେ ତିନିଗୋଟି ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ସହରାଞ୍ଚଳ ମୁଖ୍ୟ ସ୍ଥାନଗୁଡ଼ିକର ସ୍ଥାପିତ ସିସିଟିଭି ସଂଯୋଗୀକରଣ, ନବନିର୍ମିତ ପୋଷାକ ଗୃହକୁ ଲୋକାର୍ପିତ କରିବା ସହ


ନଡ଼ିଆ ଭାଙ୍ଗି ପୋଲିସ ବିଟ୍ ହାଉସକୁ ଉଦ୍‌ଘାଟନ କରୁଛନ୍ତି ଜିଲାପାଳ।

ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଦିଗପହଣ୍ଡି ବିଡିଓ ହଳଧର ଶବର, ତହସିଲଦାର ସିପକ କୁମାର ପାତ୍ର, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷା କେ. ପୂଜା, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ନିରୁପମା ପଟ୍ଟନାୟକ, ବିଧାୟକ ପ୍ରତିନିଧି ଭି .ରବି ନାରାୟଣ ରାଜୁ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୃଷ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ଏନ୍‌ଏସି ମହିଳା ବିଜେଡି ସଭାନେତ୍ରୀ ଅନୀତା ବେହେରା, ପୂର୍ବତନ ନଗରପାଳ ଉଦୟନାଥ ସ୍ୱାଇଁ, ବରିଷ୍ଠ ନାଗରିକ ହରିକୃଷ୍ଣ ପଣ୍ଡା, କାଉନସିଲର ସନ୍ତୋଷିନୀ ବେହେରା, ସୁନୀଲ କୁମାର ପଣ୍ଡା, ଦୀପକ କୁମାର ମିଶ୍ର, ନୀଳମାଧବ ଗୌଡ, ଇ .ଗାୟତ୍ରୀଙ୍କ ସମେତ ଅନ୍ୟାନ୍ୟ କାଉନସିଲର ବୃନ୍ଦ, ଗବେଷକ ଡ. ଅନନ୍ତ ରାମ କର, ସାମାଜିକ କର୍ମୀ କେ. କୁନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସିର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର କାର୍ଯ୍ୟକର୍ତ୍ତାବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ପରେ ଜିଲାପାଳ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସଭାଗୃହରେ ବିଡିଓଙ୍କ ଉପସ୍ଥିତିରେ ସମସ୍ତ ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମୁଦାୟ ୨୫ ପଞ୍ଚାୟତର ସମସ୍ତ ଗ୍ରାମ ରୋଜଗାର ସେବକ ଓ କନିଷ୍ଠ ଯନ୍ତ୍ରୀବୃନ୍ଦ ଉପସ୍ଥିତ ଥିଲେ।

# ଗଞ୍ଜାମ ମହାବିଦ୍ୟାଳୟରେ ନ୍ୟାଶନାଲ ସେମିନାର

## ପରିବେଶ ସନ୍ତୁଳନ ରହିଲେ ପ୍ରାକୃତିକ ବିପର୍ଯ୍ୟୟ ରୋକି ହେବ

ଗଞ୍ଜାମ,୨୬।୧୦(ଡି.ଏନ.ଏ.)ଗଞ୍ଜାମ କଲେଜ ଅଡିଟୋରିୟମ ହଲ୍‌ଠାରେ ଦୁଇ ଦିନିଆ ନ୍ୟାଶନାଲ ସେମିନାର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଆଲୋଚନା ପାଠଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଇସ ଚାନ୍ସେଲର ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରହିଲେ ପ୍ରାକୃତିକ ବିପର୍ଯ୍ୟୟକୁ ଏଡାଇ ଦିଆଯାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରିଜିଓନାଲ ଡାଇରେକ୍ଟର ଡ . ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମୁଖ୍ୟବକ୍ତା ଆସାମ ସେଣ୍ଟ୍ରାଲ ୟୁନଭର୍ସିଟି ପ୍ରଫେସର ବିଷ୍ଣୁ ଚରଣ ଦାସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗୀୟ ମୁଖ୍ୟ ପ୍ରଫେସର ଶ୍ରୁତି ଦାସ, କଲେଜ ଅଧ୍ୟକ୍ଷ ଡ. ପ୍ରବୀଣ କୁମାର ନନ୍ଦ ଏବଂ ଇଂଲିଶ ବିଭାଗ ମୁଖ୍ୟ ସ୍ମରଣିକା ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ଇଂଲିଶ ଅଧ୍ୟାପକ ଡ. ଦୁର୍ଗା ପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମମତା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପରିବେଶବାଦ ଓ ପରିବେଶ ମୂଲ୍ୟବୋଧ ଶୀର୍ଷକ ଆଲୋଚନା ହୋଇଥିଲା। ଗାଡି ମୋଟର ଏବଂ କଳକାରଖାନାଗୁଡିକରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ବାୟୁ ମଣ୍ଡଳରେ ମିଶିବା ଫଳରେ ବାୟୁ ଦୂଷିତ ହେଉଥିବା ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ସଚେତନତାର ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଇଂଲିଶ ଅଧ୍ୟାପିକା ଅରୁନ୍ଧତୀ ସିଂ ଧନ୍ୟବାଦ ଅର୍ପଣ କରିଥିବା ବେଳେ ରାଜନୀତି ବିଭାଗ ପ୍ରାଧ୍ୟାପକ ଅମର ପ୍ରସାଦ ବିଶୋୟୀ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ନରୋତ୍ତମ ମାନା, ଓଡ଼ିଆ ବିଭାଗ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡା, ଗିରିଶ ଚନ୍ଦ୍ର ଆଚାର୍ଯ୍ୟ, ଅଜୟ କୁମାର ବାରିକି, ରଘୁନାଥ ରେଡ୍ଡୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଇଂଲିଶ ବିଭାଗ ପକ୍ଷରୁ ଏକ ସୋଭିନଏର ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ବୁଗୁଡ଼ା ବ୍ଲକରେ କୃଷିରଥ ପରିକ୍ରମା ଶୁଭାରମ୍ଭ

ବୁଗୁଡା,୨୬।୧୦(ଡି.ଏନ.ଏ.)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡିଶା ସରକାରଙ୍କ ସଘନ କୃଷି ସମ୍ପ୍ରସାରଣ ଯୋଜନା ୨୦୨୧–୨୨ ଆନୁକୂଲ୍ୟରେ ବୁଗୁଡା ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଶ୍ରୀ ବଳଦେବ ସ୍ୱାମୀଙ୍କ ମନ୍ଦିର ସମ୍ମୁଖରେ କୃଷିରଥ ପରିକ୍ରମାର ଶୁଭାରମ୍ଭ ବୁଧବାର ହୋଇଯାଇଛି। ଏହାକୁ ବ୍ଲକ ଅଧ୍ୟକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ ଏବଂ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଆତ୍ମାର ଅଧ୍ୟକ୍ଷ ମୁକୁନ୍ଦ ନାୟକ, ଏମ୍‌ପି ପ୍ରତିନିଧି କବିରାଜ ଗୌଡ଼, ଏନ୍‌ଏସି ଉପାଧ୍ୟକ୍ଷା ପ୍ରତିନିଧି ସୁଧାଂଶୁ ଶେଖର ପାଢୀ, ଭଗବାନପୁର ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ଏନ୍‌ଏସି ଏମ୍‌ପି ପ୍ରତିନିଧି ବସନ୍ତ କୁମାର ଦଳାଇ, ନଗର ବିଜେଡି ସଭାପତି କେ. ତ୍ରିଲୋଚନ ଦୋରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ କୃଷି ରଥ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରି ଲୋକନୃତ୍ୟ ଓ ଛାୟାଚିତ୍ର ମାଧ୍ୟମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ କୃଷକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ସହ କୃଷି ଅଧିକାରୀ ନୀହାର ରଞ୍ଜନ ପୃଷ୍ଟି ଓ ସ୍ୱାଗତିକା ପତି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ୍ୟ କୃଷି କର୍ମଚାରୀ ଅଶୋକ ସେଠୀ, ଅଜୟ ସାହୁ, ଉପେନ୍ଦ୍ର ଶତପଥୀ, ସତ୍ୟଜିତ ଶତପଥୀ ଏବଂ ସହକାରୀ ବୈଷୟିକ ସହାୟକ ଅମରେନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ନିତ୍ୟ ନିରଞ୍ଜନ ବିଷୋୟୀ, ଅରୁଣ କୁମାର ସାହୁ ଓ ଅବିନାଶ ପାତ୍ର ସହଯୋଗ କରିଥିଲେ।



କୃଷିରଥ ପରିକ୍ରମା ଶୁଭାରମ୍ଭ।

# ଜମିକୁ ପାଣି ଯୋଗାଇବାକୁ ଦାବି, ଚାଷୀଙ୍କ ରାସ୍ତା ରୋକୋ

ପାରଳାଖେମୁଣ୍ଡି,୨୬।୧୦(ଡି.ଏନ୍.ଏ.)

ଗୋଷାଣୀ ବ୍ଲକର ୪ ପଞ୍ଚାୟତରେ ଜମିରେ ପାଣି ଅଭାବ ଯୋଗୁ ବୁଧବାର ଚାଷୀମାନେ ଆନ୍ଦୋଳନ କରିଥିଲେ। ସକାଳ ୧୦ଟାରେ ଗୋଷାଣୀ ବ୍ଲକ ସାତମାଇଲ ଛକ ଗ୍ରାମଠାରେ ଶତାଧିକ ଚାଷୀ ଦୀର୍ଘ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ କରିବା ସହ ପାଣି ପାଇଁ ବିଭିନ୍ନ ନାରାବାଜି କରି ବସିଥିଲେ। ଫଳରେ ପାରଳାଖେମୁଣ୍ଡି-ମୋହନା ଜାତୀୟରାଜପଥର ୩୨୬-ଏ'ର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ପରେ ପ୍ରଶାସନ ଓ ପୋଲିସର ଉପସ୍ଥିତିରେ ପ୍ରତିଶ୍ରୁତି ପାଇବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ବାଟିସିରିପୁର ନାଳ ଗୋଷାଣୀ ବ୍ଲକର ଆଠଟି ପଞ୍ଚାୟତର ଚାଷୀଙ୍କ ଜମିକୁ ଫସଲ ପାଇଁ ପାଣି ଯୋଗାଇ ଥାଏ। ହେଲେ ଚଳିତ ଥର କେନାଲର ଉପର ମୁଣ୍ଡରେ ଥିବା ବାଟିସିରିପୁର, ଉପଲଡା ପଞ୍ଚାୟତର ଚାଷୀ କେନାଲ ପାଣିକୁ ପଟା ପକାଇ ଅବରୋଧ କରିଛନ୍ତି । ଫଳରେ ତଳ ମୁଣ୍ଡରେ ଥିବା ବାଘଶଳା ଭିନଲା, କଟଲକଇଠା, ଭିନଲା ପଞ୍ଚାୟତରେ ଚାଷୀ ନିଜ ଜମିକୁ ପାଣି



ଚାଷୀମାନେ ଧାରଣାର ବସିଛନ୍ତି।

ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକୁନେଇ ୪ ପଞ୍ଚାୟତର ଶହଶହ ଚାଷୀ ରାସ୍ତା ଅବରୋଧ କରିନିଜଜମିକୁପାଣିପାଇବା ଦାବିକରିଥିଲେ। ଦାବି ପୂରଣ ହେବାଯାଏ ଆନ୍ଦୋଳନରୁ ଓହରିବେନି ବୋଲି ଅଡିବସିଥିଲେ । ସେପଟେ ପ୍ରଶାସନକୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପ୍ରଥମେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବହୁ ବୁଝାଶୁଝା କହିଥିଲେ ମଧ୍ୟ ଚାଷୀମାନେ ଶୁଣି ନ ଥିଲେ। ଅପରାହ୍ନରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା କ୍ଷୁଦ୍ର ଜଳ ସେଚନ ବିଭାଗର ସହକାରୀ ଯନ୍ତ୍ରୀ ଆଶିଷ ମଲ୍ଲିକ, ରାମକୃଷ୍ଣ ପତି ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ଉପଲଡା ଅଞ୍ଚଳର ଚାଷୀମାନେ ଏବଂ ଆନ୍ଦୋଳନରତ ଚାଷୀମାନଙ୍କ ମଧ୍ୟରେ ଲିଖିତ ବୁଝାମଣା ହେବା ପରେ ଚାଷୀମାନେ ଆନ୍ଦୋଳନରୁ ହଟିଥିଲେ। ଲିଖିତ ବୁଝାମଣା ପତ୍ର ଅନୁଯାୟୀ ସପ୍ତାହରେ ୪ଦିନ ଏବଂ ୩ଦିନ ଅନ୍ତେରାଳେ ବା ରୋଟେସନ ବେସିସ୍‌ରେ ପାଣି ଛଡାଯିବା ପାଇଁ ଉଲ୍ଲେଖ ରହିଛି। ତେବେ ଦୀର୍ଘ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଯାନବାହନ ଅଟକିଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ସରକାର ଦାବି ପୂରଣ ନ କଲେ ଆନ୍ଦୋଳନ

## ବାଦ୍ ପଡ଼ିଥିବା ଗଣଶିକ୍ଷକଙ୍କ ଅସନ୍ତୋଷ

ଆର.ଉଦୟଗିରି,୨୬।୧୦(ଡି.ଏନ.ଏ.)

ଗଜପତି ଜିଲାର ବିଭିନ୍ନ ସରକାରୀ ବିଦ୍ୟାଳୟରେ ଶତାଧିକ ଗଣ ଶିକ୍ଷକ ଗତ ୨୦୦୮ ମସିହାରୁ ନିୟମିତ ଭାବେ କାର୍ଯ୍ୟ କରି ଆସୁଥିଲେ। ବର୍ତ୍ତମାନ ଯାଏ ସରକାର ସେହି ଗଣଶିକ୍ଷକମାନଙ୍କ ଦାବି ପୂରଣ କରିନାହାନ୍ତି। ଯାହାକୁ ନେଇ ଏବେ ଗଣ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବା ସହ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ସୂଚନାଯୋଗ୍ୟ, ଗଣ ଶିକ୍ଷକମାନଙ୍କ ବହୁବାର ଦାବି ପରେ ଗତ ୨୦୧୬ରେ ସରକାରଙ୍କ ଗାଇଡ ଲାଇନ ପ୍ରକାରେ ୧।୩।୨୦୧୭ରେ ରାଜ୍ୟରେ ୨୨୫୧୨ କାର୍ଯ୍ୟରତ ଗଣଶିକ୍ଷକମାନଙ୍କ ମଧ୍ୟରୁ ୧୮୦୦୦ରୁ ଉର୍ଦ୍ଧ୍ୱ ଗଣଶିକ୍ଷକଙ୍କୁ ସ୍ଥାୟୀ କରିଥିଲେ। ୨୦୧୨ରେ ସରକାର ସମସ୍ତ ଶିକ୍ଷକଙ୍କୁ ଓଟିଇଟି ଯୋଗ୍ୟତା ବାଧ୍ୟତାମୂଳକ କରିଥିବା ବେଳେ କାହିଁକି ସରକାର ଓଟିଇଟି ଯୋଗ୍ୟତା ନ ଥାଇ କିଭଳି ଗଣ ଶିକ୍ଷକମାନଙ୍କୁ ସ୍ଥାୟୀ କରାଗଲା ବୋଲି ବିକାଶ ପରିଷଦ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା କରିଥିଲା। ତେବେ ୨୦୨୧ ଜୁଲାଇ ୧୩ରେ ଶିକ୍ଷା ବିକାଶ ପରିଷଦ କୋର୍ଟରୁ ଉକ୍ତ ଜନସ୍ୱାର୍ଥ ମାମଲା ପ୍ରତ୍ୟାହାର କରିନେଲା। ମାମଲା କୋର୍ଟର ପ୍ରତ୍ୟାହାର ପରେ ସରକାର ବଞ୍ଚିତ ଥିବା ଗଣଶିକ୍ଷକମାନଙ୍କୁ ସ୍ଥାୟୀ କରିବା ପାଇଁ ଲେଫ୍ଟଆଉଟ ଗଣଶିକ୍ଷକ ସଂଘ ପକ୍ଷରୁ ଦାବି କରିବା ପରେ ବିଭିନ୍ନ ମହଲରେ ବାଦ୍ ପଡିଥିବା ଗଣ ଶିକ୍ଷକମାନଙ୍କୁ ସ୍ଥାୟୀ ମାନ୍ୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଆଜିଯାଏ ସରକାର ଗଣ ଶିକ୍ଷକମାନଙ୍କ ଦୁଃଖ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ୨୫ ବର୍ଷ ଧରି ଶିକ୍ଷକମାନେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ମାତ୍ର ୬ ହଜାର ବେତନରେ କିଭଳି ପରିବାର ପୋଷଣ କରିବେ। ଯଦି ସରକାର ଶିକ୍ଷକମାନଙ୍କ ଦାବି ପୂରଣ ନ କରନ୍ତି ତେବେ ଆଗାମୀ ୩୦ରେ ରାଜ୍ୟରେ ଥିବା ସମସ୍ତ ବଞ୍ଚିତ ଗଣଶିକ୍ଷକ ଏକ ବୈଠକ କରି ବିଧାନସଭା ସମ୍ମୁଖରେ ଆମରଣ ଅନଶନ ପାଇଁ ପ୍ରସ୍ତୁତ ହେବେ ବୋଲି ସଂଘର କର୍ମକର୍ତ୍ତା ଆଲୋକ ମନ୍ତ୍ରୀ ସୂଚନା ଦେଇଛନ୍ତି।